

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net


email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୩୧ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ ସଂଖ୍ୟା-ଆଠ ■ Baleshwar ♦ SATURDAY 31 October 2026

Vol.No. 36 ■ No.284 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୁଣି ବାତିଲ୍

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁଣି ଓଡ଼ିଶା ଗସ୍ତ ବାତିଲ୍ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତ ବାତିଲ୍ ନେଇ ରାଇରଙ୍ଗପୁର ଏଡିଏମ୍ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ନଭେମ୍ବର ୩ ତାରିଖରୁ ରାଷ୍ଟ୍ରପତିଙ୍କ ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିଲା। ତେବେ ଏହା ବାତିଲ ହୋଇଥିବା ଜଣାପଡିଛି। ଏହା ପୂର୍ବରୁ ୨୮ ତାରିଖରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ବାତ୍ୟା ପାଇଁ ବାତିଲ୍ ହୋଇଥିଲା ।

ସୁରକ୍ଷିତ ଅଛନ୍ତି ବନ୍ୟାରେ ଭାସିଯାଇଥିବା କୃଷ୍ଣସାର ମୃଗ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ସୁରକ୍ଷିତ ଅଛନ୍ତି ବନ୍ୟାରେ ଭାସିଯାଇଥିବା କୃଷ୍ଣସାର ମୃଗ । ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାରେ ଭୟାବହ ବନ୍ୟା ପରିସ୍ଥିତି ମଧ୍ୟରେ ପ୍ରସିଦ୍ଧ କୃଷ୍ଣସାର ମୃଗ ବନ୍ୟାଜଳରେ ଭାସିଯାଉଥିବା ନେଇ କିଛି ହୃଦୟବିଦାରକ ଖବର ପ୍ରଚାରିତ ହୋଇଥିଲା। ତେବେ, ବାସ୍ତବରେ ବନ୍ୟାଜଳର ପ୍ରବଳ ସ୍ରୋତରେ କିଛି କୃଷ୍ଣସାର ମୃଗ ଭାସିଯାଇଥିଲେ ମଧ୍ୟ ସେମାନେ ସୁରକ୍ଷିତ ଭାବେ ନଦୀପାର ହୋଇ ଜଙ୍ଗଲ ଅଞ୍ଚଳରେ ପହଞ୍ଚିଛନ୍ତି। ସମ୍ପୃକ୍ତ ବନଖଣ୍ଡ ଅଧିକାରୀମାନଙ୍କ ରିପୋର୍ଟ ଅନୁଯାୟୀ, ଏହି ଘଟଣାରେ କୌଣସି କୃଷ୍ଣସାର ମୃଗଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିନାହିଁ। ସମସ୍ତେ ସୁରକ୍ଷିତ ଅଛନ୍ତି।

ବଦ୍ରିନାଥ ହେଲିକପ୍ଟର ଦୁର୍ଘଟଣା: ପାଇଲଟ୍‌ଙ୍କ ସମେତ ୬ ମୃତ



ନୂଆଦିଲ୍ଲୀ,୩୦/୧୦ : ଉତ୍ତରାଖଣ୍ଡ ହେଲିକପ୍ଟର ଦୁର୍ଘଟଣାରେ ସମସ୍ତ ୬ଜଣଙ୍କ ମୃତ୍ୟୁ ନେଇ ଆସିଛି ବଡ଼ ଖବର । ବଦ୍ରିନାଥରୁ ଦେହରାଦୁନ ଫେରୁଥିବା ବେଳେ ଖରାପ ପାଣିପାଗ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏହି ହେଲିକପ୍ଟର । ଏଥିରେ ପାଇଲଟ୍‌ଙ୍କ ସମେତ ମୋଟ ୬ ଜଣ ଥିବାବେଳେ ସମସ୍ତଙ୍କ ମୃତ୍ୟୁ ହୋଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ସୂଚନା ଅନୁସାରେ, ହେଲିକପ୍ଟରଟି ଶୁକ୍ରବାର ଅପରାହ୍ନ ୧ଟା ୧୪ ମିନିଟ୍‌ରେ ବଦ୍ରିନାଥରୁ ଉଡ଼ାଣ ଆରମ୍ଭ କରିଥିଲା । ଏହା ଦେହରାଦୁନର ସହସ୍ରଧାରା ହେଲିପ୍ୟାଡ୍ ଅଭିମୁଖେ ଯାଉଥିଲା। ତେବେ ଜୋଶୀମଠ ଉପତ୍ୟକା ଅତିକ୍ରମ କରୁଥିବା ସମୟରେ ହେଲିକପ୍ଟରଟି ଟ୍ରାକିଂ ସିଷ୍ଟମ୍‌ରୁ ସମ୍ପର୍କ ହରାଇଥିଲା । ଅପରାହ୍ନ ୨ଟା ୨୧ ମିନିଟ୍‌ରେ ଜୋଶୀମଠ ଏସ୍‌ଡିଏମ୍‌ଙ୍କଠାରୁ ଏନେଇ ସୂଚନା ପାଇଥିଲା ଜିଲ୍ଲା ପ୍ରଶାସନ । ଜୋଶୀମଠ ଅଞ୍ଚଳର ଚାଇ ଗାଁ ଉପରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ମିଳିଥିଲା । ଏସଡିଆରଏଫ୍ ଟିମ ଦୀର୍ଘ ସମୟ ଖୋଜା ଖୋଜି ପରେ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲେ । ହେଲିକପ୍ଟରଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଏଥିରେ ଥିବା ଯାତ୍ରୀ ଓ ପାଇଲଟ୍ ଜୀବନ୍ତ ଦଗ୍ଧ ହୋଇଛନ୍ତି । ମୃତଦେହଗୁଡ଼ିକୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଛି । ଉତ୍ତରାଖଣ୍ଡ ସିଭିଲ୍ ଏଭିଏସନ୍ ଡେଭଲପମେଣ୍ଟ ଅଥରିଟି (ୟୁକାଡା)ର ସିଇଓ ପ୍ରତୀକ ଜୈନଙ୍କ ସୂଚନା ଅନୁସାରେ, ହେଲିକପ୍ଟରଟି ଜୋଶୀମଠ ଉପତ୍ୟକା ଅତିକ୍ରମ କରିବା ସମୟରେ ଟ୍ରାକିଂ ସିଷ୍ଟମ୍‌ରୁ ଅଦୃଶ୍ୟ ହୋଇଯାଇଥିଲା । ହେଲିକପ୍ଟରଟି ଟ୍ରାନ୍ସ ଭାରତ ଏଭିଏସନ୍‌ର ଥିବା ଜଣାପଡ଼ିଛି । ଅନ୍ୟପଟେ, ଅକ୍ଟୋବର ୩୦ ତାରିଖ ପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଚମୋଲି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିଲା । ଏହି ସମୟରେ କେତେକ ସ୍ଥାନରେ ବଜ୍ରପାତ, କୁଆପଥର ବର୍ଷା ଓ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ନେଇ ସତର୍କ କରାଯାଇଥିଲା । ଏହାସହ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ବଦ୍ରିନାଥ-ଜୋଶୀମଠ ଅଞ୍ଚଳରେ ହାଲୁକା ବର୍ଷା ସହ ତୁଷାରପାତର ପୂର୍ବାନୁମାନ ମଧ୍ୟ ରହିଥିଲା । ପାଗ ଖରାପ ସତ୍ତ୍ୱେ ହେଲିକପ୍ଟର ଟି ଯାତ୍ରୀଙ୍କୁ ନେଇ କେଉଁ ପରିସ୍ଥିତିରେ ଉଡ଼ାଣ ଭରିଥିଲା ତାକୁ ନେଇ ସନ୍ଦେହ ବଢ଼ିଛି ।

ବିଜେଡି ଛାଡ଼ିବେ କି ଅଂଶୁମାନ ମହାନ୍ତି ? କଂଗ୍ରେସକୁ ଫେରିବେ ପ୍ରକାଶ ବେହେରା



ଭୁବନେଶ୍ୱର, ୩୦/୧୦ (ନି.ପ୍ର): ବିଜେଡି ଛାଡ଼ିବେ କି ଅଂଶୁମାନ ? କଂଗ୍ରେସକୁ ଫେରିବା ନେଇ ଚର୍ଚ୍ଚା । ପୋଷ୍ଟରରେ ନାହିଁ ନବୀନଙ୍କ ଫଟୋ, ଏକେଲା କରୁଛନ୍ତି ବୈଠକ ପରେ ବୈଠକ । ରାଜନୀତିରେ ନିରବତା ବି ବେଳେବେଳେ ଅନେକ ସଙ୍କେତ ଦିଏ । ଆଉ ଏବେ ସେହି ସଙ୍କେତକୁ ନେଇ ଚର୍ଚ୍ଚାରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି । ଦୁର୍ଗାପୂଜା ଓ କାଳୀପୂଜା ଅବସରରେ ରାଜନଗର ଏବଂ ପଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ଲାଗିଥିବା ଅଂଶୁମାନଙ୍କ ହୋର୍ଡିଂରେ ନବୀନ ପଟ୍ଟନାୟକଙ୍କ ଫଟୋ ନଥିବାକୁ ନେଇ ଉଠିଛି ପ୍ରଶ୍ନ । ଏହା କେବଳ ଏକ ସଂଯୋଗ, ନା ଏହା ପଛରେ ରହିଛି କିଛି ରାଜନୈତିକ ସଙ୍କେତ ? ସେପଟେ ରାଜନଗରର ତ୍ରିନାଥ ବଜାରସ୍ଥିତ ନିଜ କାର୍ଯ୍ୟାଳୟରେ ସମର୍ଥକଙ୍କ ସହ ଅଂଶୁମାନଙ୍କ ଘନଘନ ବୈଠକ । ଆଲୋଚନାର କେନ୍ଦ୍ରରେ ରହିଛି ତାଙ୍କର ଆଗାମୀ ରାଜନୈତିକ ରଣନୀତି । ଏପଟେ ରାଜନଗରର ବିଭିନ୍ନ ବିଜେଡି କାର୍ଯ୍ୟକ୍ରମରେ ତାଙ୍କ ଅନୁପସ୍ଥିତି ବି ଚର୍ଚ୍ଚାକୁ ଆହୁରି ବଢ଼ାଇଛି । ଅନ୍ୟପଟେ ତାଙ୍କର କିଛି ସମର୍ଥକ ବିଜେପିରେ ସାମିଲ ହେବାକୁ ଇଚ୍ଛୁକ ଥିବା ନେଇ ମଧ୍ୟ ଆଲୋଚନା ହେଉଛି । ତେବେ ଏସବୁ ଘଟଣା ଭିତରେ ସବୁଠୁ ବଡ଼ ପ୍ରଶ୍ନ, ଅଂଶୁମାନଙ୍କ ଆଗାମୀ ଠିକଣା କେଉଁଠି ? ବିଜେଡି, କଂଗ୍ରେସ ନା ଆଉ କିଛି ନୂଆ ରାଜନୈତିକ ସମୀକରଣ ? ଅଂଶୁମାନଙ୍କ ପରେ ପ୍ରକାଶ !

◆◆ପୃଷ୍ଠା ୭

ରାଜ୍ୟରେ 'ଅର୍ଣ୍ଣବ' ନେଲା ୩ ଜୀବନ: ବାପା,ମା' ଓ ୯ ମାସର ଶିଶୁପୁତ୍ର ମୃତ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଦକ୍ଷିଣଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଓ କ୍ଷୟକ୍ଷତିର ତଦାରଖ କରିଛନ୍ତି। ଜଳପ୍ରଳୟ ଯୋଗୁ ଜଳବନ୍ଦୀ ଅବସ୍ଥାରେ ଥିବା ପ୍ରଭାବିତଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଂଚାଇବାକୁ ପ୍ରଶାସନ ଏବେ ପ୍ରାଥମିକତା ଦେଇ ଏୟାର ଡ୍ରପିଂ କରାଉଛି। ଆଉ ଏସବୁ ମଧ୍ୟରେ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି କ୍ଷୟକ୍ଷତିର ଆକଳନ କରିବେ ବୋଲି ଜଣାପଡ଼ିଛି। ଆକାଶମାର୍ଗରୁ ପରିସ୍ଥିତିର ଆକଳନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିପତ୍ତି ସମୟରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା

◆◆ପୃଷ୍ଠା ୭

ଦକ୍ଷିଣ ଓଡ଼ିଶାରେ ଜଳପ୍ରଳୟ: ଆକାଶମାର୍ଗରୁ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ: ୨୧ଟି ସ୍ଥାନରେ ଏୟାର ଡ୍ରପିଂ,୨ରେ ଆସିବେ କେନ୍ଦ୍ରୀୟ ଟିମ୍



ଜାନୁଆରୀ ୨୫ରୁ ଦେଶରେ ଜନଗଣନା: ଫେବୃଆରୀ ୨୮ ଯାଏଁ ଚାଲିବ ପ୍ରକ୍ରିୟା

ନୂଆଦିଲ୍ଲୀ,୩୦/୧୦ : ଜାନୁଆରୀ ୨୫ରୁ ଦେଶରେ ଆରମ୍ଭ ହେବ ଜନଗଣନା । ୨୦୨୭ ଜନଗଣନା ପାଇଁ ଘୋଷଣା ହୋଇଛି ତାରିଖ। ଜାନୁଆରୀ ୨୫ରୁ ଫେବ୍ରୁଆରୀ ୨୮ ଯାଏଁ ଘରକୁ ଘର ବୁଲି ଚାଲିବ ଜନସଂଖ୍ୟା ଗଣନା । ଓଡ଼ିଶା ସମେତ ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ହେବ । ତେବେ ନିର୍ବାଚନ ହେବାକୁ ଥିବା କିଛି ରାଜ୍ୟ ଓ ତୁଷାରପାତ ପ୍ରଭାବିତ ଅଞ୍ଚଳ ପାଇଁ ଅଲଗା ବ୍ୟବସ୍ଥା ରହିଛି । ୨୦୨୭ ମାର୍ଚ୍ଚ ୧ ତାରିଖ ରାତି ୧୨ଟାକୁ ଜନଗଣନାର ଆଧାର ତାରିଖ ବା ରେଫରେନ୍ସ ଡେଟ୍ ଭାବେ ଧାର୍ଯ୍ୟ କରାଯାଇଛି । ତେବେ ଜନଗଣନା ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଜାନୁଆରୀ ୧୦ରୁ ୨୪ ତାରିଖ ଯାଏଁ ଲୋକଙ୍କୁ ସ୍ୱ-ଗଣନାର ସୁଯୋଗ ମିଳିବ । ଅର୍ଥାତ୍ ଲୋକେ ନିଜେ ନିଜର ତଥ୍ୟ ଦାଖଲ କରିପାରିବେ । ଏହାପରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରାଯିବ। ମାର୍ଚ୍ଚ ୧ରୁ ୫ ତାରିଖ ଯାଏଁ ତଥ୍ୟର ସଂଶୋଧନ ଓ ଯାଞ୍ଚ ପାଇଁ ରିଭିଜନାଲ୍ ରାଉଣ୍ଡ ଚାଲିବ । ତେବେ ଏହି ପର୍ଯ୍ୟାୟରେ ସବୁ ରାଜ୍ୟରେ ଏକାସାଙ୍ଗରେ ଜନଗଣନା ହେବ ନାହିଁ। ମଣିପୁରରେ ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଜନଗଣନା ସ୍ଥଗିତ ରହିବ । ସେହିପରି ଗୋଆ, ଉତ୍ତରପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ

◆◆ପୃଷ୍ଠା ୭

ଗଞ୍ଜାମ ଜିଲ୍ଲା ପାଇଁ ୩୦ ଅଧିକାରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାଇଁ ୩୦ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଜିଲ୍ଲାରେ ବନ୍ୟା ସ୍ଥିତି ମୁକାବିଲା ୨୦ ଓଏଏସ୍ ଓ ୧୦ ଓଆରଏସ୍ ଅଧିକାରୀଙ୍କୁ ଏହି ଦାୟିତ୍ୱ ମିଳିଛି। ଅଧିକାରୀମାନେ ସ୍ଥିତି ତଦାରଖ କରି ଜିଲ୍ଲାପାଳଙ୍କୁ ରିପୋର୍ଟ କରିବେ । ଜିଲ୍ଲାରେ ରିଲିଫ୍ ଓ ପୁନଃରୁଦ୍ଧାର କାମକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଗଞ୍ଜାମରେ ରାସ୍ତା ପୁନଃରୁଦ୍ଧାର ପାଇଁ ୩ଟି ଟିମ୍ କୁ ଦାୟିତ୍ୱ ଦିଆଯାଇଛି। ସହଯୋଗ କରିବା ପାଇଁ ୩ଟି ଟିମ୍‌ରେ ୬ ଜଣ ଯନ୍ତ୍ରୀ ରହିଛନ୍ତି।


ନଭେମ୍ବର ୧ରୁ ଦିଲ୍ଲୀରେ ନୂଆ 'ଜିଆରଏପି' କଟକଣା

ନୂଆଦିଲ୍ଲୀ,୩୦/୧୦ : ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଓ ବାୟୁର ଗୁଣବତ୍ତା ସୁଧାରିବା ପାଇଁ ଆସନ୍ତା ୨୦୨୬ ନଭେମ୍ବର ୧ ତାରିଖ (ରବିବାର)ରୁ ସଂଶୋଧିତ ଗ୍ରେଡେଡ୍ ରେସପୋନ୍ସ ଆକ୍ସନ୍ ପ୍ଲାନ୍ (ଜିଆରଏପି) ଅଧୀନରେ ନୂଆ ନିୟମାବଳୀ ଲାଗୁ ହେବାକୁ ଯାଉଛି । ଦିଲ୍ଲୀ ଟ୍ରାଫିକ୍ ପୁଲିସ ପକ୍ଷରୁ ସୋସିଆଲ ମିଡିଆ ''ଏକ୍ସ'' ରେ ସୂଚନା ଦିଆଯାଇଛି ଯେ, ବାହାର ରାଜ୍ୟରୁ ଦିଲ୍ଲୀକୁ ଆସୁଥିବା ଯାନବାହନଗୁଡ଼ିକ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁଛନ୍ତି କି ନାହିଁ ତାହା ଯାଞ୍ଚ କରି ଯାତ୍ରା କରିବାକୁ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଛି। ନୂତନ କଟକଣା ଅନୁଯାୟୀ, ଆସନ୍ତା ନଭେମ୍ବର ୧, ୨୦୨୬ ରୁ ୨୦୨୭ ଜାନୁଆରୀ ୩୧ ପର୍ଯ୍ୟନ୍ତ ଦିଲ୍ଲୀ ବାହାରେ ପଞ୍ଜୀକୃତ ହୋଇଥିବା ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହନଗୁଡ଼ିକ ଦିଲ୍ଲୀ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । କେବଳ ବିଏସ୍-୬ ନିର୍ଗମନ ମାନଦଣ୍ଡ ପୂରଣ କରୁଥିବା ଗାଡ଼ି, ସିଏନ୍‌ଜି ଏବଂ ବୈଦ୍ୟୁତିକ (ଅଭି) ଯାନବାହନଗୁଡ଼ିକୁ ପ୍ରବେଶ ପାଇଁ ଅନୁମତି ମିଳିବ।

◆◆ପୃଷ୍ଠା ୭

ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଅକାଦେମିର ମିଳିତ ଆନୁକୂଲ୍ୟରେ 'ମନୋଜ ଦାସ : ବ୍ୟକ୍ତି ଓ କୃତି' ଆଲୋଚନାଚକ୍ର ଅନୁଷ୍ଠିତ

ମନୋଜ ଦାସଙ୍କ ଜୀବନ, ସାରସ୍ୱତ ସାଧନା ଓ ସୃଜନଶୀଳତା ଉପରେ ଆଲୋଚନା



ବାଲେଶ୍ୱର, ୩୦/୧୦ (ନି.ପ୍ର): ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କ ଜୀବନ ଓ ସାହିତ୍ୟକୃତିକୁ ନେଇ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସାହିତ୍ୟ ଅକାଦେମି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। 'ମନୋଜ ଦାସ : ବ୍ୟକ୍ତି ଓ କୃତି' ଶୀର୍ଷକ ଏହି ଆଲୋଚନାଚକ୍ରରେ ମନୋଜ ଦାସଙ୍କ ସାହିତ୍ୟ ସାଧନା, ଜୀବନଦର୍ଶନ ଓ ସୃଜନଶୀଳ ଅବଦାନର ବିଭିନ୍ନ ଦିଗ ଉପରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକମାନେ ଆଲୋକପାତ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ଅଧିବେଶନରେ ସାହିତ୍ୟ ଅକାଦେମିର କୋଲକାତାସ୍ଥିତ ସହାୟକ ସମ୍ପାଦକ ଶେଷଦେବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ବିଷୟ ସମ୍ବନ୍ଧିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହିତ୍ୟ ଅକାଦେମିର ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ଆବାହକ ଗୌରହରି ଦାସ ଅଧିବେଶନରେ ଅଧ୍ୟକ୍ଷତା କରି ମନୋଜ ଦାସ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ଜୟନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ ଓ ଡ଼କ୍ଟର ପ୍ରହଲ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ପ୍ରବୀଣା ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଅରବିନ୍ଦ ରାୟ, ଅରୁଣ କୁମାର ସାହୁ ଓ ମନୋଜ କୁମାର ପଣ୍ଡା ପ୍ରମୁଖ ମନୋଜ ଦାସଙ୍କ ସାହିତ୍ୟକୃତିର ବିଭିନ୍ନ ଦିଗ ଉପରେ ନିଜସ୍ୱ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଡ. ସୁବାସ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଓ ସୈରିନ୍ଧ୍ରୀ ସାହୁ ପ୍ରମୁଖ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ର ମାଧ୍ୟମରେ ମନୋଜ ଦାସଙ୍କ ବହୁମୁଖୀ ସାହିତ୍ୟ ପ୍ରତିଭା, ଚିନ୍ତାଧାରା ଓ ସାହିତ୍ୟିକ ଅବଦାନକୁ ପୁନର୍ବାର ଅନୁଧାନ କରିବା ସହ ଓଡ଼ିଆ ସାହିତ୍ୟର ଗୌରବମୟ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବାର ଏକ ସୁଯୋଗ ସୃଷ୍ଟି ହୋଇଥିଲା। ଏଥିରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ସାହିତ୍ୟ ପ୍ରେମୀମାନେ ଯୋଗ ଦେଇଥିଲେ।

◆◆ପୃଷ୍ଠା ୭

ବାସୁଦେବପୁର କାଳୀପୂଜା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ



ବାସୁଦେବପୁର,୩୦/୧୦ (ନି.ପ୍ର): ବାସୁଦେବପୁର ପୌର ପାଳିକା କାର୍ଯ୍ୟାଳୟ ପରିସରରେ ବାସୁଦେବପୁରର ଗଣ ପର୍ବ ମାଆ କାଳୀଙ୍କ ପୂଜା ପାଇଁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଚଳିତ ବର୍ଷ ପାଞ୍ଚଟି ପୂଜା ମଣ୍ଡପରେ ମା ପୂଜା ପାଇବେ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ବାସୁଦେବପୁର ପୌର ପାଳିକା ଚେୟାରମ୍ୟାନ୍ ନିବେଦିତା ବେହେରା ସଭାପତିତ୍ୱ କରିଥିଲେ। ଏହି ବୈଠକରେ ତହସିଲଦାର ପ୍ରିୟବ୍ରତ ଦାସ, ଥାନା ଅଧିକାରୀ ନିରଜ କୁମାର ସାମଲ, ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ପୌର ଉପାଧକ୍ଷ ଉତ୍ତମ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ କାଳୀପୂଜା ଉପଲକ୍ଷେ ବିଭିନ୍ନ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପୂଜା କମିଟି ପକ୍ଷରୁ ବିଭିନ୍ନ ପ୍ରକାରର ବ୍ୟବସ୍ଥା କରା ଯାଇଛି। ଏହି ପୂଜା ଶାନ୍ତି ଶୃଙ୍ଖଳା ର ସହିତ ଅନୁଷ୍ଠିତ ହେବ ଏବଂ ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ଏହି ପୂଜାରେ ପାନୀୟ ଜଳର ବ୍ୟବସ୍ଥା ସହିତ ଅଧିକ ସି ସି ଟି ଭି କ୍ୟାମେରା ଲଗାଯିବ ବୋଲି ସ୍ଥିର ହୋଇଛି। ସମସ୍ତ ପୂଜା ମଣ୍ଡପରେ ଅଗ୍ନି ନିରୋଧକ ବ୍ୟବସ୍ଥା କରାଯିବ। ଏହା ବ୍ୟତୀତ ପାର୍କିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ସହିତ ଚୋରି ଡକାୟତି ଓ ହିଂସାତ୍ମକ କାର୍ଯ୍ୟ କଳାପ ଉପରେ ଦୃଷ୍ଟି ଦିଆଯିବ। ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କ ପରିଚୟ ପତ୍ର ଥାନାରେ ଜମା କରିବାକୁ କୁହା ଯାଇଛି। ଏହି ପୂଜାରେ ଡି କେ ବାଜି ପାରିବ ନାହିଁ। ଏହି ବୈଠକରେ ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବିଭାଗର ଅଧିକାରୀ ଉପସ୍ଥିତ ରହିବା ସହିତ ପାଞ୍ଚଟି ପୂଜା କମିଟିର କର୍ମ କର୍ତ୍ତା ଯୋଗ ଦେଇଥିଲେ। ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ବାସୁଦେବପୁର କାଳୀପୂଜା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ବନ୍ତ ତହସିଲର ରାଜସ୍ୱ ନିରୀକ୍ଷକ ନିଲମ୍ବିତ

ଭଦ୍ରକ,୩୦/୧୦ (ନି.ପ୍ର): ସରକାରୀ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଭଦ୍ରକ ଜିଲ୍ଲାର ବନ୍ତ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ସସ୍ମିତା ମହାପାତ୍ରଙ୍କୁ ନିଲମ୍ବନ କରାଯାଇଛି। ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଏ ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ପକ୍ଷରୁ ୨୭ ଅକ୍ଟୋବର ୨୦୨୬ ତାରିଖରେ ଏକ ସରକାରୀ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି। ସରକାରୀ କାର୍ଯ୍ୟ ସମ୍ପାଦନରେ ଅବହେଳା ଅଭିଯୋଗକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ନିଲମ୍ବନ ଅବଧି ମଧ୍ୟରେ ଶ୍ରୀମତୀ ମହାପାତ୍ରଙ୍କ ମୁଖ୍ୟାଳୟ ଭଦ୍ରକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାର୍ଯ୍ୟ କରାଯାଇଛି। ଏଥିସହିତ, କ୍ଷମତାପ୍ରାପ୍ତ କର୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ ବୋଲି ଆଦେଶରେ ଉଲ୍ଲେଖ ରହିଛି।

ଜଙ୍ଗଲଜମି ଜବରଦଖଲ ମାମଲାରେ ବନ ବିଭାଗର କାର୍ଯ୍ୟାନୁଷ୍ଠାନ: ଗ୍ରାମବାସୀଙ୍କ ନାମରେ ମିଥ୍ୟା ଅଭିଯୋଗ



ନୀଳଗିରି ,୩୦/୧୦ (ନି.ପ୍ର): ଜୈନିକ ମହିଳା ଜଙ୍ଗଲ ଜମିକୁ ଜୋରଜବରଦସ୍ତ ଜବରଦଖଲ କରି ବାଡ଼ଘେରି ରଖିଥିବା ବେଳେ ଏହାକୁ ଗ୍ରାମବାସୀ ବାରଣ କରିବାରୁ ମହିଳାଜଣକ ନୀଳଗିରି ଥାନାରେ ଗ୍ରାମର କିଛିଲୋକଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ଏତଲା ଦେଇଥିବା ଜଣାଯାଇଛି। ସୂଚନା ମୁତାବକ ନୀଳଗିରି ବ୍ଲକ୍ ଭଉଁରିଆବାଡ ପଞ୍ଚାୟତ ବୁଦୁସାହି ଗ୍ରାମର ରବିନ୍ଦ୍ର ଦେହୁରୀଙ୍କ ଝିଅ ସବିତା ଦେହୁରୀ ସ୍ୱାମୀଙ୍କୁ ଛାଡ଼ି ବାପଘରେ ଆସି ରହୁଥିଲେ। ତେବେ ଗ୍ରାମ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରେ କିଛିଜମିକୁ ଜୋରଜବରଦସ୍ତ ବାଡ ଘେରୁଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ପରେ ବନବିଭାଗକୁ ଖବର ଦେବାପରେ ବନବିଭାଗ ଉକ୍ତ ବାଡକୁ ଉଠାଇ ଦେଇଥିଲେ। ମାତ୍ର ସଂପୃକ୍ତ ମହିଳାଜଣକ ପ୍ରଚ୍ଛଦପଟ ବାହୁବଳୀ ନାୟକଙ୍କ ପ୍ରରୋଚନାରେ ପଡ଼ି ଗ୍ରାମର କିଛି ଲୋକଙ୍କ ନାମରେ ଥାନାରେ ମିଥ୍ୟାଅଭିଯୋଗ କରିବାସହ ଗ୍ରାମବାସୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ କଟୁରୀରେ ହାଣି ମୁଣ୍ଡଗଣ୍ଡି ଅଲଗା କରିଦେବେ ବୋଲି ଧମକ ଦେଇଥିବାନେଇ ଗ୍ରାମର ପଙ୍କଜିନୀ ମଲ୍ଲିକ, ନିନିବାବୁ ମଲ୍ଲିକ, ତୁଳସୀମଣି ସିଂ, ରୁକ୍ମିଣୀ ସିଂ, ମିଲି ପ୍ରଧାନ ପ୍ରମୁଖ ବହୁ ମହିଳା ଓ ପୁରୁଷ ନୀଳଗିରି ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାଯାଇଛି। ଖବରପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବିଜେଡି ଜିଲ୍ଲା ମହିଳାସଭାନେତ୍ରୀ ଶୁଭଲକ୍ଷ୍ମୀ ମାଝୀ,ଜିଲ୍ଲା ବିଜେଡି ଉପସଭାପତି ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ, ସରପଞ୍ଚ ସଞ୍ଜୟ ସିଂ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡି ପ୍ରମୁଖ ଥାନାରେ ପହଞ୍ଚି ନୀଳଗିରି ଏସଡିପିଓ ନିର୍ମଳା ଗୋଚ୍ଛାୟତଙ୍କ ସହିତ ଆଲୋଚନା କରିଥିଲେ। ତେବେ ତଦନ୍ତ କରାଯାଇ ଉଚିତ୍ ନ୍ୟାୟପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିବା ସୂଚନା ମିଳିଛି।

କଂଗ୍ରେସ ସେବାଦଳ ପକ୍ଷରୁ ରକ୍ତଦାନ ଶିବିର : ମୋଟ ୫୦ୟୁନିଟ ରକ୍ତ ସଂଗୃହୀତ



ବାରିପଦା ,୩୦/୧୦ (ନି.ପ୍ର): ଆଜି ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ମୟୁରଭଞ୍ଜ (ପୂର୍ବ) କଂଗ୍ରେସ ସେବାଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସେବାଦଳ ଅଧକ୍ଷ ସୁଭେନ୍ଦୁ ମହାନ୍ତି ଶିବିରକୁ ଉଦଘାଟନ କରିଥିବା ବେଳେ, ପିସିସି ସାଧାରଣ ସମ୍ପାଦକ ଅରବିନ୍ଦ ଦାସ, ପ୍ରଦେଶ କଂଗ୍ରେସ ବ୍ୟବସାୟ ସେଲ ଅଧକ୍ଷ ଯୋଗେଶ ଅଗ୍ରୱାଲ, ବାରିପଦା ବାର ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, ବାରିପଦା ବାର ଆସୋସିଏସନର ପୂର୍ବତନ ସଭାପତି ଭିଭୁ ପ୍ରସାଦ ଦାସ, କଂଗ୍ରେସ ଏସଟି ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, କଂଗ୍ରେସ ସେବାଦଳ ମୟୁରଭଞ୍ଜ ଜିଲ୍ଲା ଅଧକ୍ଷ ଦିଲୀପ ନାୟକ, କଂଗ୍ରେସ ଓବିସି ଜିଲ୍ଲା ଅଧକ୍ଷ ତାରାକାନ୍ତ ବେହେରା, କଂଗ୍ରେସ ଏସସି ସେଲ ଜିଲ୍ଲା ଅଧକ୍ଷ ସସ୍ମିତା ବେହେରା, ଏସସି ସେଲ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ସେଠୀ, ଏସଟି ସେଲ ରାଜ୍ୟ ସାଧାରଣ ସମ୍ପାଦକ ଚୈତନ୍ୟ ମାଝୀ, ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାସ, ବାରିପଦା ଟାଉନ ସଭାପତି ଏସ.କେ. ଇକବାଲ, ଡିସିସି ଉପସଭାପତି ଶିବାନନ୍ଦ ଦାସ, ଡିସିସି ଉପସଭାପତି ଦୀପକ ଦାସ, ଡିସିସି ସାଧାରଣ ସମ୍ପାଦକ ବନମାଳୀ ବାରିକ,ମହିଳା କଂଗ୍ରେସ ନେତ୍ରୀ ଇତିଶ୍ରୀ ମିଶ୍ର, ଫରିଦା ତବସୁମ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବାରିପଦା ରକ୍ତ ଭଣ୍ଡାରର ଡାକ୍ତର ନର୍ସ ଏବଂ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିବା ବେଳେ ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାର ଜଣାଯାଇଛି।

ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ କେବେ ? ଜନସାଧାରଣ ପ୍ରଶ୍ନ

ଖୋର୍ଦ୍ଧା,୩୦/୧୦ (ନି.ପ୍ର): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ବସଷ୍ଟାଣ୍ଡର କଳେବରର କୈଣସି ପରିବର୍ତ୍ତନ ଆଜି ପର୍ଯ୍ୟନ୍ତ ୨୦୨୬ ଜୁଲାଇ ମାସ ସୁଦ୍ଧା ହୋଇ ନାହିଁ । ଯଦିଓ ବିଜେଡି ସରକାର ଶାସନ କାଳରେ ଅନେକ ବିଧାୟକ କାର୍ଯ୍ୟକାଳ ସମାପ୍ତି କରିଛନ୍ତି ତେବେ ମଧ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡର କୈଣସି ପରିବର୍ତ୍ତନ ହୋଇ ନାହିଁ। ଏବେ ଯଦି ଅଟଳ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବିଜେପି ସରକାର ଏହି ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡକୁ ଠିକ୍ କରିଛନ୍ତି ତେବେ ମାନ୍ୟବର ଖୋର୍ଦ୍ଧା ର ପୂର୍ବତନ ବିଧାୟକ ମହୋଦୟ ଅସମ୍ମତ ପ୍ରକାଶ କରିବାର ଏହି ପୋଷ୍ଟ ରେ ଦେଖିବାକୁ ମିଳିଲା। ଆହେ ଭାଇ ଖୋର୍ଦ୍ଧା ବସଷ୍ଟାଣ୍ଡ ଅବହେଳିତ ଅବସ୍ଥାରେ ରହିଛି।ଯଦି ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ନ୍ୟାୟରେ ଖୋର୍ଦ୍ଧା ବାସୀ ଅଟଳ ବସଷ୍ଟାଣ୍ଡ ପାଇବେ ତେବେ ଅସୁବିଧା କେଉଁଠି ? ଆଉ ରହିଲା ପିସି ଖାଇବା କଥା। କେହି ମହାଶୟ ଛାତିରେ ହାତଦେଇ ନିୟମ କରି କହିବେ କି ସ୍ୱାଧୀନତା ଠାରୁ ଆଜି ପର୍ଯ୍ୟନ୍ତ କୌ।ଣସି ବିଧାୟକ ନିଜ ନିଜ କାର୍ଯ୍ୟ କାଳ ମଧ୍ୟରେ କ୍ୱେ ପିସି ନେଇ ନାହାଁନ୍ତି ବୋଲି। ଆଉ ରହିଲା ଅନ୍ୟାନ୍ୟ ବିଭାଗୀୟ ପିସି ନେବା ସମ୍ବନ୍ଧରେ ତଥ୍ୟ ସମସ୍ତେ ଜାଣନ୍ତି। ତେବେ ପ୍ରଶ୍ନ ହେଲା ନୂଆ ବସଷ୍ଟାଣ୍ଡ ପାଇଁ ଯାଗା ସାଢେ ଚାରି ଏକର ଜମି କମିଯିବା କଥା। କେତେକ କହୁଛନ୍ତି ସିଆଳିଆ, ପୁଣି କିଏ କହୁଛନ୍ତି ତୋଟାପଡା ଏରିଆ, ପୁଣି କିଏ କହୁଛନ୍ତି ଗରୁଜଙ୍ଗ ମହୋତ୍ସବ ପଡିଆ ଏରିଆ। କେତେ କଙ୍କ କହିବା ଅନୁସାରେ, ଯଦି କଟକ, ଭୁବନେଶ୍ୱର ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ପରି ବସ୍ ଷ୍ଟାଣ୍ଡ ଆବଶ୍ୟକ। ତେବେ ଭବିଷ୍ୟତରେ ଏହି ତିନୋଟି ଯାଗାରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ହୋଇ ପାରିବ। ଏଥିପାଇଁ ବାଡିଲା ଭାତକୁ ଗୋଇଠା ନମାରି ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ କୁ ଅଟଳ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସମସ୍ତେ ସହଯୋଗର ହାତ ବଢାଇଲେ ଖୋର୍ଦ୍ଧା ବାସୀ ଖୁସି ହେବେ ବୋଲି କହୁଛନ୍ତି ଓ ଆଲୋଚନା କରୁଛନ୍ତି ଓ କଥାବାର୍ତ୍ତା ହେଉଛନ୍ତି। ଖୋର୍ଦ୍ଧା ବିଧାୟକ ଇଚ୍ଛା ନୂଆ ବସଷ୍ଟାଡ ଯେଉଁଠି ସେଇଠି ହେବା।ଖୋରଧା ତହାସିଦାର ଜାଗା ନିରୁପ କରିଛନ୍ତି ନିଅଣ୍ଟ ଯାଗା ଯୋଗାଇ ଦେବେ।

ଧରାକୋଟ ବ୍ଲକ୍‌ର ଦଶମଇଲି ଗାଁ ବନ୍ୟା ପାଣିଘେରରେ: ଲୋକଙ୍କ ଘରେ ପଶିଲା ପାଣି

ଗଞ୍ଜାମ,୩୦/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ର ଦଶମଇଲି ଗାଁ ରେ ବନ୍ୟା ଓ ବର୍ଷା ଜଳ ୫ରୁ୧୫ ଫୁଟ୍ ଉଚ୍ଚାରେ ପ୍ରବାହିତ ହେଉଛି। ଫଳରେ ଲୋକଙ୍କ ଘରେ ପାଣି ପଶିଯିବାରୁ ଲୋକେ ଘରଦ୍ୱାର ଛାଡି ନିରାପଦ ସ୍ଥାନକୁ ଚାଲିଯାଇଛନ୍ତି। ଘରର ସମସ୍ତ ଜିନିଷ ଧୋଇ ହୋଇଯାଇଛି ଓ ଲୋକେ ସର୍ବସ୍ୱାନ୍ତ ହୋଇଛନ୍ତି। ପିତଳ ଗାଁ ର କାଳୀମନ୍ଦିର ଯାଏ ବନ୍ୟା ପାଣି ଆସିଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବ୍ରହ୍ମପୁର ସହର୍ ଜନଗରକୁ ଧ୍ୱୋନାଳ ଦେଇ ବନ୍ୟାପାଣି ପ୍ରବେଶ କରିଥିବାରୁ ଜନସାଧାରଣ ଚିନ୍ତିତ ହୋଇପଡିଛନ୍ତି। ଶେରଗଡ଼ ବ୍ଲକ ଅଫିସରେ ବନ୍ୟା ପାଣି ପଶିଛି।

ପୁଲିସ ଉପରୁ ଉଠିଗଲାଣି ଆସ୍ଥା: ଚୋରି ଭୟରେ ଦୋକାନ ଜଗୁଛନ୍ତି ବ୍ୟବସାୟ

ବାଲିଆପାଳ ,୩୦/୧୦ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତ ର ସିମୁଳିଆ ମାର୍କେଟ ଅଞ୍ଚଳରେ ଚୋରି, ଛିନତାଇ ଭଳି ଅପରାଧ ବଢୁଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଭୟ ବଢ଼ିଛି ପୁଲିସରେ ଅଭିଯୋଗ କରି ମଧ ସୁଫଳ ନମିଳିବାରୁ ନିଜ ଦୋକାନର ସୁରକ୍ଷା ପାଇଁ ସ୍ୱବ୍ୟବସାୟୀମାନେ ରାତିରେ ପହରା ଦେଉଛନ୍ତି। ବାଲିଆପାଳ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଚୋରି ଓ ଛିନତାଇ ଭଳି ଘଟଣା ଘଟୁଥିବା ବେଳେ ସିମୁଳିଆ ମାର୍କେଟ ରେ ଗତ ମାସକ ମଧ୍ୟରେ ବିଭିନ୍ନ ଦୋକାନରୁ ବାରମ୍ବାର ଚୋରି ହୋଇଛି ଏନେଇ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ।ତେବେ ଚୋରି ରୋକିବାରେ ଆଶାନୁରୂପ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରି ସେମାନେ ନିଜେ ପହରା ଦେବାକୁ ନିଷ୍ପତ୍ତି ନେଇଛନ୍ତି ।ଗତ କିଛି ଦିନ ଆଗରୁ ୪ଟି ଦୋକାନରୁ ଚୋରି ହେବା ପରେ ମାର୍କେଟ ରେ ଥିବା ପ୍ରାୟ ୧୦୦ ଜଣ ଦୋକାନୀ ଏକାଠି ହୋଇ କମିଟି ଗଠନ କରିଛନ୍ତି କମିଟି ପକ୍ଷରୁ ପ୍ରତିଦିନ ୫ଜଣ ବ୍ୟବସାୟୀ ରାତିରେ ପହରା ଦେଉଛନ୍ତି । ସେମାନେ ଟର୍ଚ୍ଚ ଓ ହୁଇସିଲ ସହ ପହରା ଦେବା ସହ ସନ୍ଦେହଜନକ ବ୍ୟକ୍ତିଙ୍କୁ ପଚରାଉଚରା କରୁଛନ୍ତି। ଅଧିକ ସନ୍ଦେହହେଲେ ପୁଲିସକୁ ସୂଚନା ଦେଉଛନ୍ତି।ବ୍ୟବସାୟୀଙ୍କ ଏପରି ପହରା ଯୋଗୁଁ କିଛିଦିନ ହେଲା ଚୋରି ରୋକିବାରେ ସଫଳତା ମିଳିଛି ତେବେ ଅପରାଧ ନିୟନ୍ତ୍ରଣ ନେଇ ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅଞ୍ଚଳରେ ନିୟମିତ ପୁଲିସ ପାଟ୍ରୋଲିଂ, ନିଶା କାରବାର ଉପରେ କଡ଼ା ନଜର ଏବଂ ସିମୁଳିଆ ମାର୍କେଟ ରେ ଦୁଇ ରୁ ତିନି ଜଣ ପୁଲିସ କର୍ମଚାରୀ ନିଯୁକ୍ତି ଦେବାକୁ ମହେଶ୍ୱର ସାହୁ, ବଂଶୀଧର ପରିଡା, ଗୋପାଳ ବିଶ୍ୱାଳ, ଜଗନ୍ନାଥ ବାଗ,ମୃତ୍ୟୁଞ୍ଜୟ ଗିରି,ସରୋଜ ବିଶ୍ୱାଳ, ଭଗବାନ ରାଉଳ, ରତ୍ନାକର ପରିଡା, ଗଣେଶ ପରିଡା,ପ୍ରମୁଖ ବ୍ୟବସାୟୀ ଦାବି କରିଛନ୍ତି ।

ସାମ୍ବାଦିକଙ୍କ ଏକତା, ସୁରକ୍ଷା ଓ ସ୍ୱାଭିମାନ ପାଇଁ ଗଠିତ ହେଲା ବାଲେଶ୍ୱର ଯୁବ ସାମ୍ବାଦିକ ସଂଘ



ବାଲେଶ୍ୱର,୩୦/୧୦ (ନି.ପ୍ର): ସାମ୍ବାଦିକଙ୍କ ଏକତା, ସ୍ୱାଭିମାନ, ସୁରକ୍ଷା ଓ ସ୍ୱାର୍ଥରକ୍ଷାକୁ ମୂଳ ଲକ୍ଷ୍ୟ କରି ଗଠିତ ହୋଇଛି ବାଲେଶ୍ୱର ଯୁବ ସାମ୍ବାଦିକ ସଂଘ। ଜିଲ୍ଲାର ଯୁବ ସାମ୍ବାଦିକମାନଙ୍କୁ ଏକ ମଞ୍ଚରେ ଏକତ୍ରିତ କରିବା ସହ ସାମ୍ବାଦିକତା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଏବଂ ସାମ୍ବାଦିକଙ୍କ ଅଧିକାରର ସୁରକ୍ଷା ପାଇଁ ଏହି ସଂଘ କାର୍ଯ୍ୟ କରିବ।ସଂଘର ନୂତନ କର୍ମକର୍ତ୍ତା ଚୟନରେ ସଭାପତି ଭାବେ ରଞ୍ଜିତ ଦାସ, କାର୍ଯ୍ୟକାରୀ ସଭାପତି ଭାବେ ସଞ୍ଜୟ ମହାଲିକ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ବିଦ୍ୟାଧର ମହାନ୍ତି ଓ ପ୍ରଦୀପ ବେରା, ସମ୍ପାଦକ ଭାବେ ହ୍ରିତିକ ନାୟକ, ସହସମ୍ପାଦକ ଭାବେ ଚନ୍ଦନ ପାଣିଗ୍ରାହୀ ଓ ମହେଶ ମଲ୍ଲିକ ଦାୟିତ୍ୱ ନେଇଛନ୍ତି। ସେହିପରି ସାଂଗଠନିକ ସମ୍ପାଦକ ଭାବେ ଭାଗବତ ଦାସ, ସହସାଂଗଠନିକ ସମ୍ପାଦକ ଭାବେ ହରିଶଙ୍କର ଜେନା ଓ ଧର୍ମେନ୍ଦ୍ର ମହାକୁଡ଼, କୋଷାଧକ୍ଷ ଭାବେ କଞ୍ଚମଣୀ ସ୍ୱାଇଁ ଏବଂ ମିଡିଆ ସଂଯୋଜକ ଭାବେ ବୁଦ୍ଧେଶ୍ୱର ମଲ୍ଲିକ ଓ ସଞ୍ଜିତ୍ ଘୋଷ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ସରୋଜ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି।ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ସମାଜର ଅନ୍ୟାୟ, ଅବହେଳା, ଦୁର୍ନୀତି ଓ ଜନସାଧାରଣଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ମାତ୍ର ସତ୍ୟ ଓ ନିରପେକ୍ଷ ଖବର ପ୍ରସାରଣ କରିବାକୁ ଯାଇ ଆଜି ଅନେକ ସାମ୍ବାଦିକ ରାଜନୈତିକ ଓ ପ୍ରଶାସନିକ ଚାପ, ଧମକ ଏବଂ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି।ଏଭଳି ପରିସ୍ଥିତିରେ କୌଣସି ସାମ୍ବାଦିକ ଚାପର ଶିକାର ହେଲେ କିମ୍ବା ତାଙ୍କ ଉପରେ ଆକ୍ରମଣ ହେଲେ ସଂଘ ତାଙ୍କ ପାଖରେ ଦୃଢ଼ ଭାବେ ଠିଆ ହେବ। ନ୍ୟାୟ ପ୍ରଦାନ ପାଇଁ ଆବଶ୍ୟକ ଆଇନଗତ ଓ ସାଂଗଠନିକ ସହଯୋଗ ଯୋଗାଇ ଦିଆଯିବ ବୋଲି ସଂଘ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ସାମ୍ବାଦିକଙ୍କ ମଧ୍ୟରେ ଭାଇଚାରା, ସହଯୋଗ ଓ ଏକତାକୁ ମଜଭୁତ କରିବା ସହ ନିର୍ଭୀକ, ନିରପେକ୍ଷ ଓ ଦାୟିତ୍ୱବାନ ସାମ୍ବାଦିକତାକୁ ଆଗେଇ ନେବା ହେଉଛି ଏହି ନୂତନ ସଂଘର ମୁଖ୍ୟ ଉଦ୍ଦେଶ୍ୟ। ଜନସାଧାରଣଙ୍କ ସ୍ୱରକୁ ଶାଣିତ କରିବା ସହ ସାମ୍ବାଦିକଙ୍କ ଅଧିକାର ଓ ସମ୍ମାନର ସୁରକ୍ଷା ଦିଗରେ ଏହି ସଂଘ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି।

‘ସଂବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ’ ଲାଠିକଟା ବ୍ଲକରେ ଅନୁଷ୍ଠିତ : ଟିମଜୋର୍ ଦଳର ଚାମ୍ପିୟନସିପ୍ ଟ୍ରଫି ହାସଲ



ରାଉରକେଲା,୩୦/୧୦ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା ର ‘ସଂବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ’ ଲାଠିକଟା ବ୍ଲକର ଟଇଁସର ଗ୍ରାମ ପଞ୍ଚାୟତର ଝାଣ୍ଡି ଗ୍ରାମରେ ଅକ୍ଟୋବର ୨୭ ତାରିଖରେ ସମାପ୍ତ ହୋଇଛି। ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ (କଣ୍ଟ୍ରାକ୍ଟ ସେଲ୍) ଶ୍ରୀ ଅଲୋକ କୁମାର ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ବି. ମଲ୍ଲିକ, ଉପ- ମହାପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ଆର. ଏସ୍. ବାରା, ସହାୟକ ମହାପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ବି. ଜେନା, ଉପପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ଏସ୍. କେ. ଶୁକ୍ଲା, ଲାଠିକଟା ଟଇଁସର ଗ୍ରାମ ପଂଚାୟତ ର ନାଏବ ସରପଞ୍ଚ ଶ୍ରୀ କର୍ମା ଓରାମ, ଟଇଁସର ସମିତି ସଭ୍ୟା କୁମାରୀ ଫୁଲମଣି ଓରାମ, ସି.ଏସ୍.ଆର. ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀବୃନ୍ଦ, ୱାର୍ଡ ସଭ୍ୟମାନେ, ସମିତି ସଭ୍ୟମାନେ ଏବଂ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀ ବେହେରା ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ପ୍ରୋତ୍ସାହିତ କରିଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ଫୁଟବଲର ଗୁରୁତ୍ୱ ଏବଂ ଏକ ଦଳଗତ କ୍ରିଡ଼ା ଭାବରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଚାମ୍ପିୟନ୍ ଟିମଜୋର୍ ଦଳ ଏକ ଟ୍ରଫି ଏବଂ ୧୦,୦୦୦/- ଟଙ୍କାର ନଗଦ ପୁରସ୍କାର ଲାଭ କରିଥିବାବେଳେ ଝାରତରଙ୍ଗ ରନର୍ସ-ଅପ୍ ହୋଇ ଏକ ଟ୍ରଫି ଏବଂ ୮,୦୦୦/- ଟଙ୍କାର ନଗଦ ପୁରସ୍କାର ଲାଭ କରିଥିଲା। ଟଇଁସର ଏବଂ ଜଳଦା ଦଳ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରି ୬,୦୦୦/- ଟଙ୍କା ଏବଂ ୪,୦୦୦/- ଟଙ୍କାର ନଗଦ ପୁରସ୍କାର ପ୍ରାପ୍ତ କରିଥିଲେ। ଟଇଁସରର ଅଜୟ ବାରୁଆଙ୍କୁ ଶ୍ରେଷ୍ଠ ଖେଳାଳି, ଜଳଦାର ଅନୀଶ ବାର୍ଲାଙ୍କୁ ଶ୍ରେଷ୍ଠ ସ୍କୋରର, ଜଳଦାର କିଶୋର ମିଞ୍ଜଙ୍କୁ ଶ୍ରେଷ୍ଠ ଗୋଲ୍ କିପର ଏବଂ ଝାରତରଙ୍ଗର ସାଗର ସାହାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବେ ବିବେଚିତ କରାଯାଇଥିଲା। ପ୍ରତ୍ୟେକଙ୍କୁ ୧୦୦୦/- ଟଙ୍କା ଏବଂ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ସହାୟତାରେ ଏହି ଟୁର୍ଣ୍ଣାମେଣ୍ଟଟି ପୂଜା ସେଲ୍ଫ ହେଲ୍ପ ଗ୍ରୁପ୍ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଗ୍ରାମ ଏବଂ ଏହାର ଆଖପାଖ ଅଞ୍ଚଳରୁ ବହୁସଂଖ୍ୟକ ଫୁଟବଲ୍ ପ୍ରେମୀ ଏକତ୍ରିତ ହୋଇଥିଲେ। ପ୍ରାରମ୍ଭରେ ଶ୍ରୀ ବି ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଶ୍ରୀ ଆର. ଏସ୍. ବାରା ଧନ୍ୟବାଦ ଅର୍ପଣ କରିଥିଲେ। ସି.ଏସ୍.ଆର. ସେକ୍ସନ ଅଫିସର୍ ଶ୍ରୀ ବି. ଏକ୍କା ଏବଂ ଏସ.ଓ. ଶ୍ରୀ ଜି. ଆର. ନାୟକ ମିଳିତ ଭାବେ ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏହା ୨୦୨୬-୨୭ ସିରିଜର ପ୍ରଥମ ଜୋନାଲ୍ ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଥିଲା, ଯାହା ପ୍ରତିବର୍ଷ ଆର.ଏସ.ପି ର ଚାରୋଟି ପାର୍ଶ୍ୱବର୍ତ୍ତୀ ବ୍ଲକରେ ଆୟୋଜିତ ହୋଇଥାଏ। ଚାରୋଟି ଜୋନରୁ ଚାମ୍ପିୟନ୍ ଏବଂ ରନର୍ସ-ଅପ୍ ହୋଇଥିବା ଦଳଗୁଡ଼ିକ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ଚୂଡ଼ାନ୍ତ ଫୁଟବଲ୍ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଜିଲ୍ଲାପାଳଙ୍କ ଅନୁମୋଦନ ବିନା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବଦଳି ହୋଇପାରିବନି

ଭଦ୍ରକ,୩୦/୧୦ (ନି.ପ୍ର): ଜିଲ୍ଲାର ବିଭିନ୍ନ ବ୍ଲକରେ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ବଦଳିକୁ ନେଇ ଅସନ୍ତୋଷ ତେଜିଛି । ବିଶେଷ କରି କେତେକ ବ୍ଲକ ଶିକ୍ଷାଧିକାରୀମାନେ ମନ୍ଦ ଉଦ୍ଦେଶ୍ୟ ରଖି ଶିକ୍ଷକ-ଶିକ୍ଷୟତ୍ରୀମାନଙ୍କୁ ବଦଳି କରୁଥିବାର ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ପହଂଚିଥିଲା । ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଏହି ଶିକ୍ଷକମାନଙ୍କ ବଦଳିରେ ଏକ କଡା ପଦକ୍ଷେପ ନେଇଛନ୍ତି । ଏଣିକି ଜିଲ୍ଲାପାଳଙ୍କ ବିନା ଅନୁମତିରେ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନେ ଶିକ୍ଷକମାନଙ୍କୁ ବଦଳି କରିପାରିବେ ନାହିଁ ବୋଲି ଜିଲାପାଳ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି, ବ୍ଲକ ଶିକ୍ଷାଧିକାରୀମାନେ ଡେପୁଟେସନ ଆଳରେ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ବଦଳି କରି ଆସୁଥିଲେ । ଫଳରେ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶେଷ କରି ବାସୁଦେବପୁର ବ୍ଲକରେ ବହୁ ଶିକ୍ଷକଙ୍କ ବଦଳି ହେବା ପରେ ବାସୁଦେବପୁର ବିଧାୟକ ଅଶୋକ ଦାସ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଅଦା- ରସୁଣ ପେଷ୍ଟକୁ ଦୀର୍ଘ ଦିନ ତାଜା ରଖିବାକୁ ଚାହୁଁଥିଲେ... ଆପଣାନ୍ତୁ କିଛି ସହଜ ଟିପ୍ସ

ଅଦା ରସୁଣ ପେଷ୍ଟ ଭାରତୀୟ ଖାଦ୍ୟ ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ । ଏହା ଖାଦ୍ୟକୁ ସ୍ୱାଦିଷ୍ଟ ବନାଏ । କିନ୍ତୁ ଏହାକୁ ବ୍ୟବହାର କରିବାରେ ବଡ଼ ସମସ୍ୟା ହେଉଛି, ଏହାକୁ ଯେତେ ତାଜା ବନାଇଲେ ବି ଏହାର ପେଷ୍ଟ କିଛି ମାତ୍ର ରହିବା ପରେ ତାହା କଳା ପଡ଼ିଯିବା ସହ ସେଥିରୁ ଦୁର୍ଗନ୍ଧ ବାହାରେ , ଯାହା ଖାଦ୍ୟର ସ୍ୱାଦ ନଷ୍ଟ କରିଦିଏ । ଯଦି ଚାହୁଛନ୍ତି, ଆପଣଙ୍କ ଅଦା- ରସୁଣ ପେଷ୍ଟ ଦୀର୍ଘ ସମୟ ଠିକ୍ ରହୁ ତେବେ ଆପଣାନ୍ତୁ ଏସବୁ ଟିପ୍ସ :

ନ୍ୟାଚୁରାଲ ପ୍ରିଜରବେଟିଭ୍ସ ବ୍ୟବହାର କରନ୍ତୁ : ଅଦା- ରସୁଣ ପେଷ୍ଟ ପ୍ରସ୍ତୁତ କରିବାକୁ ସବୁବେଳେ ଫ୍ରେସ୍ ଅଦା ରସୁଣ ନିଅନ୍ତୁ । ଏହାକୁ ଏକ ପରିସ୍କାର ଫୁଡ୍ ପ୍ରୋସେସରରେ ବାଟନ୍ତୁ ।



ଏଥିରେ ଦି ଚିମୁଟା ଲୁଣ , ୧ ଚାମଚ ସୋରିଷ ତେଲ, ୧ ଚାମଚ ସିରକା ମିଶାଇ ଦିଅନ୍ତୁ । ଏହା ପେଷ୍ଟକୁ କଳା ହେବାକୁ ଦିଏନି , ଏହାସହ ବ୍ୟାକ୍ଟେରିଆ ମୁକ୍ତ ରଖେ ।


ଏହାକୁ ଶୁଖିଲା ରଖେ : ଅଦା ରସୁଣକୁ ବାଟିବା ସମୟରେ ଏଥିରେ ପାଣି ମିଶାନ୍ତୁନି, କାରଣ ଜଳୀୟ ଅଂଶ ରହିଲେ ଏଥିରେ ଫିମ୍ପି ଲାଗିଯିବାର ଆଶଙ୍କା ଥାଏ । ଯଦି ପେଷ୍ଟ ବାଟିବା ସମୟରେ ଗାଢ଼ା ହୁଏ ତାହେଲେ ପାଣି ବଦଳରେ ଏଥିରେ ଟିକେ ତେଲ ବ୍ୟବହାର କରନ୍ତୁ । ତେଲ ପେଷ୍ଟକୁ ତାଜା ରଖେ ।

ଆଇସ୍ କ୍ୟୁବ୍ ପାଖରେ ଫ୍ରିଜରେ ରଖନ୍ତୁ : ଅଦା ରସୁଣ ପେଷ୍ଟକୁ ଅଧିକ ଦିନ ତାଜା ରଖିବାକୁ ପ୍ରଥମେ ଏହାକୁ ଏକ ଏୟାର ଟାଇଟ୍ କଣ୍ଟେନରରେ ରଖନ୍ତୁ ।ଏହି କଣ୍ଟେନରକୁ ଫ୍ରିଜରେ ଆଉ ଏକ କଣ୍ଟେନରରେ ଆଇସ୍ କ୍ୟୁବ୍ ରଖି ସେଥିରେ ଅଦା-ରସୁଣ ପେଷ୍ଟ କଣ୍ଟେନରରେ ରଖନ୍ତୁ । ଏହା ଅଧିକ ଦିନ ତାଜା ରହିବ ।

ଭାବି ଭାବି ବରବାଦ ହେଉଛି ୩ ଘଣ୍ଟା : ଓଭରଥିଙ୍କିଂରେ ଆଗୁଆ ଭାରତୀୟ , ଷ୍ଟଡିରୁ ହେଲା ଖୁଲାସା

‘ସେ ମତେ ଏମିତି କେମିତି କହିଦେଲେ । ମୁଁ ସେଇଠି ଏ କଥାଟା କହିଥିଲେ ଭଲ ହୋଇଥା’ନ୍ତା । ଭୁଲ୍ କରିଦେଲି ଚୁପ୍ ରହିଗଲି । ଆଗକୁ କ’ଣ ହେବ । ଅମକ ଘରର ଲୋକେ ମୋ ବିଷୟରେ କ’ଣ ଭାବୁଥିବେ । ମୋ ସାଙ୍ଗରେ ହିଁ କାହିଁକି ଏମିତି ହେଉଛି ... ଯଦି ମୁଁ ତାଙ୍କୁ ଏ କଥାଟି କହିବି ତା’ହେଲେ ସେ ମତେ ଖରାପ ଭାବିବେନି ତ ? ସମାଜ କ’ଣ କହିବ ? ପରିବାର କ’ଣ କହିବେ ? ସାହିପଡ଼ିଶା , ସମ୍ପର୍କୀୟ ଇତ୍ୟାଦି ଇତ୍ୟାଦି ... ’

ଗୁଡ଼ାଏ ଅନାବନା ଭାବନାକୁ ମସ୍ତିଷ୍କରେ ଘାଣ୍ଟି ଚକର୍ଦ୍ଦ ବାରମ୍ବାର ଭାବିବାର ମାରାତ୍ମକ ଶବ୍ଦକୁ କୁହାଯାଏ ଓଭରଥିଙ୍କିଂ । ପ୍ରାୟତଃ ଅଧିକାଂଶ ଲୋକ ଯେକୌଣସି କଥାକୁ ନେଇ ବହୁତ ଚିନ୍ତା କରନ୍ତି । ଦୂରଦୃଷ୍ଟି ରଖିବା ଭଲ କିନ୍ତୁ ବାରମ୍ବାର ଗୋଟିଏ କଥାକୁ ଭାବି କଥାର ଅନର୍ଥ କଲେ ଦୁଃଚିନ୍ତା ମନରେ ଘର କରିବ ନିଶ୍ଚୟ । ଖାଲି ଦୁଃଚିନ୍ତା କାହିଁକି ଏହାଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟକୁ କ୍ଷତି ପହଞ୍ଚିଥାଏ । ନିକଟରେ ଏକ ଷ୍ଟଡିରୁ ଜଣାପଡ଼ିଛି କି ଭାରତୀୟମାନଙ୍କୁ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସ ଅଛି । ସେଞ୍ଚର ଫ୍ରେଶ ଏବଂ ୟୁଗୋଭଙ୍କ ମିଳିତ ରିପୋର୍ଟ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି କି ଭାରତରେ ପ୍ରାୟ ୮୧ ପ୍ରତିଶତ ଲୋକ ବିନା କାରଣରେ ଚିନ୍ତା କରିବାରେ ଅଧିକ ସମୟ ନଷ୍ଟ କରନ୍ତି । ଏପରିକି କିଛି ଲୋକ ତ



ଛୋଟରୁ ଛୋଟ କଥା ବିଷୟରେ ମଧ୍ୟ ବହୁତ ଅଧିକ ଚିନ୍ତା କରନ୍ତି । ସର୍ଭେରେ ଜଣାପଡ଼ିଛି କି ୮୧ ପ୍ରତିଶତ ଭାରତୀୟ ପ୍ରତିଦିନ ତିନି ଘଣ୍ଟାରୁ ଅଧିକ ସମୟ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାରେ ନଷ୍ଟ କରନ୍ତି । ଏହା ବ୍ୟତୀତ ତିନି ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଓଭରଥିଙ୍କିଂ କିମ୍ବା ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବାର ଅଭ୍ୟାସରୁ ବାହାରିବା ପାଇଁ ଗୁଗଲ କିମ୍ବା ଚାଟଜିପିଟିର ସାହାଯ୍ୟ ନେଉଛନ୍ତି । କାହାକୁ ଗିଫ୍ଟ ଦେବା, କ୍ୟାରିୟରର ଚୟନ କରିବାଠାରୁ ଆରମ୍ଭ କରି କୌଣସି ମେସେଜକୁ ବୁଝିବା ପାଇଁ ଲୋକେ ଚାଟଜିପିଟି ଭଳି ଇଓର ପରାମର୍ଶ ନେଉଛନ୍ତି । ସର୍ଭେରୁ ଜଣାପଡ଼ିଛି କି ଭାରତରେ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବା ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲାଣି । ଏହି ସମସ୍ୟା କେବଳ ବଡ଼ ସହରରେ ନୁହେଁ ବରଂ ଛୋଟ ସହରର ଲୋକମାନଙ୍କ ମଧ୍ୟରେ ମଧ୍ୟ ଦେଖାଯାଉଛି । ଅଧିକାଂଶ ଲୋକ ସୋସିଆଲ ମିଡିଆରେ ପୋଷ୍ଟ ଦେଖିବା, ଅଫିସରେ ମାଲିକଙ୍କ ଓକେ ମେସେଜର ଅର୍ଥ ଖୋଜିବା, ରେଷ୍ଟୁରାଣ୍ଟରେ କ’ଣ ଅର୍ଡର କରାଯିବ ଏବଂ ସେଲ୍ଫି କିମ୍ବା କୌଣସି ଫଟୋକୁ ନିଜ ଷ୍ଟୋରୀରେ ଲଗାଇବା କି ନାହିଁ ଏହି କଥାଗୁଡ଼ିକ ବିଷୟରେ ଚିନ୍ତା କରିବାରେ ହିଁ ବିନା କାରଣରେ ନିଜର ସମୟ ନଷ୍ଟ କରୁଛନ୍ତି । କିଛି ଲୋକ ତ ପୋଷ୍ଟ ପକାଇବା ପୂର୍ବରୁ ବହୁତ ଥର ଚିନ୍ତା କରନ୍ତି । ଏହି ଅଧ୍ୟୟନ ୟୁଗୋଆ ନାମକ ଆନ୍ତର୍ଜାତୀୟ ରିସର୍ଚ୍ଚ ଏଜେନ୍ସି କରିଛି । ଏହା ସହିତ ଜଡ଼ିତ ସୂଚନା ସେଞ୍ଚର ଫ୍ରେଶ ଇଣ୍ଡିଆ ଓଭରଥିଙ୍କିଂର ରିପୋର୍ଟରେ ସାମ୍ନାକୁ ଆସିଛି । ତେବେ ଓଭରଥିଙ୍କିଂକୁ ଦୂରେଇବା




ପାଇଁ ପ୍ରଥମେ ନିଜ ଉପରେ ଭରସା କରନ୍ତୁ ଏବଂ ଆତ୍ମପ୍ରେମ କରନ୍ତୁ । ଯାହା ଅନୁଭବ କରୁଛନ୍ତି ତାହା ବାରମ୍ବାର ଭାବିବା ବଦଳରେ କହିବା ଶିଖନ୍ତୁ । ଏଥିରେ ମନ ବି ହାଲୁକା ଲାଗିବ ଏବଂ କିଏ ଜାଣେ ଆପଣ ଯେଉଁ କଥାକୁ ବାରମ୍ବାର ଭାବୁଥିବେ ସେହି କଥାର କିଛି ମୂଲ୍ୟ ହିଁ ନଥିବ । ନକାରାତ୍ମକ ବଦଳରେ ସକାରାତ୍ମକ କଥା ଆଡ଼କୁ ଧ୍ୟାନ ଦିଅନ୍ତୁ ଏବଂ ଆଗକୁ ବଢ଼ନ୍ତୁ । ଯାହା ପସନ୍ଦ କରୁଛନ୍ତି ତାହା ପିନ୍ଧନ୍ତୁ ଏବଂ ଯାହା ଭଲ ଲାଗୁଛି ତାହା ପୋଷ୍ଟ କରନ୍ତୁ ।

ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗସନ

କିପରି କରିବେ:

- ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ।
- ଦୁଇ ଗୋଡ଼କୁ ୯୦ ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ। ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ।
- ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ। ଏପରି ଉଠାଇବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ।
- ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ। ଏହି ଆସନରେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ରୁହନ୍ତୁ।
- କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୁରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ। ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେହୁଏ।
- ଥାଇରଏଡ୍ ସମସ୍ୟା ଦୂର ହୁଏ।
- କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ।
- ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀରର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ।



ସର୍ବାଙ୍ଗସନ ଏପରି ଗୋଟିଏ ଆସନ ଯାହାର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି। ଏହି ଆସନରେ ପୂରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ।

ଦର୍ଶକ ବନ୍ଧୁ ଆପଣଙ୍କ ରୋଷେଇ ଘରେ ଏଭଳି ଏକ ଜିନିଷ ଅଛି ଯାହାର ଗୁଣ ଖୁବ୍ କମ୍ ଲୋକ ଜାଣିଥିବେ। ଏଥିରୁ ମାତ୍ର ଗୋଟିଏ ଚାମଚ ରାତିରେ ଗ୍ଲାସେ ପାଣିରେ ଭିଜାନ୍ତୁ , ସକାଳୁ ପିଅନ୍ତୁ । ଦେହ ପୂରା ହାଲକା ହୋଇଯିବ। ରୋଗ ବି ପାଖ ମାଡ଼ିବନି । ଆମେ କହୁଛୁ ଧନିଆଁ କଥା । ଗୋଟେ ଚାମଚ ଧନିଆ ଦାନାକୁ ରାତିରେ ପାଣିରେ ଭିଜାଇ ରଖି ସକାଳେ ସେହି ପାଣିକୁ ପିଇଲେ ତାହା ଅମୃତ ଭଳି କାମ କରେ । ଧନିଆ ପାଣି ଏକ ଆୟୁର୍ବେଦ ପଥି । କେଇଟା ଟଙ୍କାରେ ପୂରା ସ୍ୱାସ୍ଥ୍ୟ ପାଇଁ ମିଳିବ ମହୌଷଧି ।

ଧନିଆ ପାଣି ପିଇବା ତରିକା:

ରାତିରେ ୧ ଗ୍ଲାସ୍ ପାଣିରେ ଗୋଟେ ଚାମଚ ଧନିଆ ଭିଜାଇ ରଖନ୍ତୁ । ଏହାକୁ ଫୁଟାନ୍ତୁ । ଥଣ୍ଡା ହେବାପରେ ଏହାକୁ ଛାଣି ରଖନ୍ତୁ। ଏବଂ ପରଦିନ ସକାଳୁ ବ୍ରସ୍ କରି ଖାଲି ପେଟରେ ପିଅନ୍ତୁ । ଉପକାର ମିଳିବ ନିଶ୍ଚୟ । କିନ୍ତୁ ହଁ ଏହାକୁ ପିବା ସହ ସନ୍ତୁଳିତ ଖାଦ୍ୟ ଖାଅନ୍ତୁ। ସବୁବ.. ଜଙ୍କ୍ ଫୁଡରୁ ଦୂରେଇ ରୁହନ୍ତୁ । ପ୍ରତିଦିନ ୩୦ ମିନିଟ୍ ଲେଖାଏଁ ଯୋଗ କରନ୍ତୁ । ଯଥେଷ୍ଟ ପାଣି ପିଅନ୍ତୁ । ୭ରୁ ୮ ଘଣ୍ଟା ନିଦରେ ଶୁଅନ୍ତୁ । ଆପଣଙ୍କ ମନରେ ପ୍ରଶ୍ନ ଆସିପାରେ, କ’ଣ ସବୁଦିନ ଧନିଆ ପାଣି ପିଇବା ଠିକ୍ । ଉତ୍ତର ହେଉଛି। ହଁ, ଏଥିରେ କିଛି ପ୍ରାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଏହା ଶରୀର ପାଇଁ ସବୁଠୁ ଭଲ ଆୟୁର୍ବେଦ ଭଳି କାମ କରେ । ତେଣୁ ଆଜିଠୁ ହିଁ ଏହାକୁ ଅଭ୍ୟାସରେ ପକାନ୍ତୁ।



ଧନିଆ ପାଣି:

ଶରୀରରେ ମେଟାବୋଲିଜିମ୍ ବଢ଼ାଏ
ଚର୍ବି ଅଂଶକୁ ହ୍ରାସ କରେ
ଭୋକ ନିୟନ୍ତ୍ରଣ କରେ
ଗ୍ୟାସ୍ ବା ଏସିଡିଟି ସମସ୍ୟା ଦୂର କରେ
ପେଟ ପୋଡ଼ାଜଳା ଭଲ କରେ

ତ୍ୱଚା ପାଇଁ ସବୁଠୁ ଭଲ:

ଧନିଆଁରେ ଥିବା **AntiOxydants** ଏବଂ ତ୍ୱଚାକୁ ସୁସ୍ଥ ରଖେ :
ତ୍ୱଚାରେ ଚମକ ଆଣେ
ଚର୍ମକୁ ସୁସ୍ଥ ରଖେ
ତ୍ୱଚାରୁ କୁଞ୍ଚନ ପ୍ରକ୍ରିୟାକୁ ଧୀମା କରେ

ଧନିଆ ପାଣି Natural Detox ଅଟେ:

ଶରୀରର ବର୍ଜ୍ୟ ଉପାଦାନକୁ ବାହାର କରେ
ଲିଭର୍ , କିଡନି ସୁସ୍ଥ ରଖେ
ରୋଗ ପ୍ରତିରୋଧକ ଶକ୍ତି ମଜବୁତ୍ କରେ
ରକ୍ତରେ ସର୍କରାକୁ ସନ୍ତୁଳିତ ରଖେ
କଲେଷ୍ଟ୍ରଲ୍ ସ୍ତରକୁ ଠିକ୍ ରଖେ



ଅନିୟନ୍ତ୍ରିତ ମଧୁମେହ ରୋଗ ପାଇଁ ଏବେ ବଢୁଛି ଫୁଟ୍ ଅଲସର ବା ପାଦ ଘା’ ରୋଗୀଙ୍କ ସଂଖ୍ୟା। ଏସ୍ ?ସିବି ସର୍ଜରି ବିଭାଗରେ ମାସକୁ ହାରାହାରି ଭାବେ ଆଉଟଡୋରରେ ୩୦୦ ରୋଗୀ ଚିକିତ୍ସିତ ହେଉଛନ୍ତି। ଏସ୍ସିବି ଏଣ୍ଡୋକ୍ରାଇନୋଲୋଜି ବିଭାଗର ତଥ୍ୟ ମୁତାବକ, ଓଡ଼ିଶାରେ ବର୍ତ୍ତମାନ ୪୦ ଲକ୍ଷରୁ ଅଧିକ ମଧୁମେହ ରୋଗୀ ଅଛନ୍ତି। କେବଳ କଟକ ଜିଲ୍ଲାରେ ଅଢ଼େଇ ଲକ୍ଷ ଲୋକ ମଧୁମେହରେ ଆକ୍ରାନ୍ତ ହେଲେଣି। ଏଣ୍ଡୋକ୍ରାଇନୋଲୋଜି ବିଭାଗର ଓପିଡିକୁ ଦୈନିକ ହାରାହାରି ୩୫୦ ଜଣ ମଧୁମେହ ରୋଗୀ ଆସୁଛନ୍ତି। ଏଥିରୁ ଟାଇପ-୧ ଡାଇବେଟିସ୍ ରୋଗୀ ୫ ପ୍ରତିଶତ ଥିବା ବେଳେ ୯୫ ପ୍ରତିଶତ ହେଉଛି ଟାଇପ୍-୨ ଡାଇବେଟିସରେ ଆକ୍ରାନ୍ତ।

ଏହି ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଫୁଟ୍ ଅଲସର ଦେଖାଯାଉଛି । ଫୁଟ୍ ଅଲସର ଚିହ୍ନଟ ରୋଗୀଙ୍କୁ ସର୍ଜରି ବିଭାଗକୁ ପଠାଯାଉଛି। ସର୍ଜରି ବିଭାଗ ଆଉଟଡୋରକୁ ମାସିକ ୩୦୦ ରୋଗୀ ଯାଉଥିବା ବେଳେ ସେଥିରୁ ହାରାହାରି ୨୦ ଜଣ ଇନ୍‌ଡୋରରେ ଭର୍ତ୍ତି ହେଉଛନ୍ତି। ୫୦ ବର୍ଷରୁ ଅଧିକ ବୟସର ରୋଗୀ ଏହି ଫୁଟ୍ ଅଲସରରେ ଆକ୍ରାନ୍ତ ହେଉଛନ୍ତି। ୬୦ ପ୍ରତିଶତ ରୋଗୀ ପୁରୁଷ ହୋଇଥିବା ବେଳେ ୪୦ ପ୍ରତିଶତ ରୋଗୀ ହେଉଛନ୍ତି ମହିଳା। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଇତ୍ୟାଦି ଜିଲ୍ଲାରୁ ଅଧିକ ସଂଖ୍ୟାରେ ଫୁଟ୍ ଅଲସର ରୋଗୀ ଆସୁଥିବା ବେଳେ କଟକ ଜିଲ୍ଲା ନରସିଂହପୁରରେ ଏହି ସଂଖ୍ୟା ଅଧିକ ଥିବା କୁହାଯାଉଛି।

ମଧୁମେହ ନିୟନ୍ତ୍ରଣରେ ନ ରହିଲେ ଆଖି, କିଡ୍‌ନିକୁ ନଷ୍ଟ କରେ। ଗୋଡ଼ର ସ୍ନାୟୁ ଦୁର୍ବଳ ହୋଇଯାଏ। ପାଦରେ ଅଜାଣତରେ ଖଣ୍ଡିଆ ହେଲେ ଘା’ ହୁଏ। ରୋଗ ପ୍ରତିରୋଧକ ଶକ୍ତି କମ୍ ଯୋଗୁଁ ଘା’ ଶୁଖେନାହିଁ। ଥରେ ଅଲସର ହେଲେ ବାରମ୍ବାର ହେବାର ଆଶଙ୍କା ରହିଥାଏ। ଫୁଟ୍ ଅଲସର ପାଦ ଆଙ୍ଗୁଠି ଓ ତଳିପାରେ ସାଧାରଣତଃ ହୋଇଥାଏ। ପାଦକୁ ରକ୍ତ ସଂଚାଳନ ଠିକ୍‌ରେ ହେଉନଥିବାରୁ ପାଦ କଳା ପଡ଼ିଯାଏ। ଘା’ ନଶୁଖିଲେ ପ୍ଲାଷ୍ଟିକ ସର୍ଜରି ଆବଶ୍ୟକ ପଡ଼ିଥାଏ। ଏଥିପାଇଁ ସଚେତନତା ଆବଶ୍ୟକତା ରହିଛି ବୋଲି ଡାକ୍ତର ମତ ରଖିଛନ୍ତି। ଏସ୍‌ସିବି ନୂଆ କୋଠାକୁ ସର୍ଜରି ବିଭାଗ ଆସନ୍ତା ଜାନୁଆରିରେ ସ୍ଥାନାନ୍ତର ହେବାକୁ ଯାଉଥିବା ବେଳେ ସେଠାରେ ଡାଇବେଟିକ୍ କ୍ଲିନିକ ଖୋଲାଯିବ। ଏହି କ୍ଲିନିକରେ ସ୍ୱତନ୍ତ୍ର ଭାବେ ଫୁଟ୍ ଅଲସର ରୋଗୀଙ୍କୁ ସପ୍ତାହରେ ଗୋଟିଏ ଦିନ ଚିକିତ୍ସା କରାଯିବ।

ଏସ୍‌ସିବି ମେଡିକାଲ୍ କଲେଜ ଶଲ୍ୟ ଚିକିତ୍ସା ବିଭାଗର ଆସୋସିଏଟ୍ ପ୍ରଫେସର ତଥା ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ କହିଛନ୍ତି ଯେ ଅନିୟନ୍ତ୍ରିତ ମଧୁମେହ ପାଇଁ ପାଦରେ ଅଲସର ହେଉଛି। ପାଦରେ ଖଣ୍ଡିଆ ହେବା ମାତ୍ରକେ ଅଲସର ରୂପ ନେଉଛି। ମଧୁମେହ ନିୟନ୍ତ୍ରଣ କରିବା ସହିତ ସ୍ୱତନ୍ତ୍ର ଜୋତା ତା’ ପାଇଁ ରହିଛି। ଗୋଡ଼କୁ ମୁହଁ ଭଳି ଯତ୍ନ ନେବେ। ରାତିରେ ଗୋଡ଼କୁ ସଫା କରି ଔଷଧ ଲଗାଇବେ। ସୁଷମ ଖାଦ୍ୟ ଖାଇବେ। ଗୁଟ୍‌କା, ପାନ, ବିଡ଼ି ଇତ୍ୟାଦି ବର୍ଜନ କରିବା ନିହାତି ଆବଶ୍ୟକ ବୋଲି ଡାକ୍ତର ନାୟକ କହିଛନ୍ତି।

ଧ୍ୱନି ପ୍ରତିଧ୍ୱନି

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବିପର୍ଯ୍ୟୟ ପରେ ନୁହେଁ, ବିପର୍ଯ୍ୟୟ ପୂର୍ବରୁ ପ୍ରସ୍ତୁତି ହିଁ ପ୍ରକୃତ ଦାୟିତ୍ୱ

ପ୍ରକୃତି ମଣିଷର ଜୀବନଧାରାକୁ ସମୃଦ୍ଧ କରେ। କିନ୍ତୁ ଯେତେବେଳେ ପ୍ରକୃତିର ରୂପ ଭୟଙ୍କର ହୁଏ, ସେତେବେଳେ ମଣିଷର ଜୀବନ, ଜୀବିକା ଓ ସମ୍ପତ୍ତି ଗଭୀର ସଙ୍କଟରେ ପଡ଼ିଥାଏ। ବନ୍ୟା, ବାତ୍ୟା, ଅତିବୃଷ୍ଟି, ଭୂସ୍ଖଳନ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଆମ ସମାଜ ପାଇଁ ନୂଆ ନୁହେଁ। ତେବେ ପ୍ରତିବର୍ଷ ବିପର୍ଯ୍ୟୟର ସାମ୍ନା କରିବା ସତ୍ତ୍ୱେ ଯଦି ଆମେ ସମାନ ସମସ୍ୟାର ପୁନରାବୃତ୍ତି ଦେଖୁଛୁ, ତେବେ ଏହା କେବଳ ପ୍ରକୃତିର ତାଣ୍ଡବ ନୁହେଁ, ଆମର ପ୍ରସ୍ତୁତି ଓ ଯୋଜନାର ଦୁର୍ବଳତାକୁ ମଧ୍ୟ ପ୍ରଶ୍ନ କରୁଛି।

ଓଡ଼ିଶା ଏକ ଉପକୂଳବର୍ତ୍ତୀ ରାଜ୍ୟ। ଏଠାରେ ବାତ୍ୟା, ଲଘୁଚାପଜନିତ ବର୍ଷା, ନଦୀବନ୍ୟା ଓ ଜଳବନ୍ଦୀ ସମସ୍ୟା ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଜୀବନକୁ ପ୍ରଭାବିତ କରିଥାଏ। ବିଶେଷକରି ଚାଷୀ, ଦିନମଜୁରିଆ, ମତ୍ସ୍ୟଜୀବୀ, ଛୋଟ ବ୍ୟବସାୟୀ ଓ ଗରିବ ପରିବାରଗୁଡ଼ିକ ଏହାର ସବୁଠାରୁ ଅଧିକ ଶିକାର ହୋଇଥାନ୍ତି। ଫସଲ ନଷ୍ଟ ହେଲେ ଚାଷୀର ବର୍ଷକର ପରିଶ୍ରମ ମାଟିରେ ମିଶିଯାଏ। ଘରେ ପାଣି ପଶିଲେ ଗରିବ ପରିବାରର ଖାଦ୍ୟ, ପୋଷାକ ଓ ଆସବାବପତ୍ର ନଷ୍ଟ ହୁଏ। ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହେଲେ ଯୋଗାଯୋଗ ବାଧାପ୍ରାପ୍ତ ହୁଏ। ଏପରି ସ୍ଥିତିରେ ରୋଗୀଙ୍କୁ ଡାକ୍ତରଖାନା ନେବା, ଗର୍ଭବତୀଙ୍କୁ ଚିକିତ୍ସା ଯୋଗାଇବା ଓ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ମଧ୍ୟ କଷ୍ଟକର ହୋଇପଡ଼େ।

ବିପର୍ଯ୍ୟୟ ଘଟିବା ପରେ ଉଦ୍ଧାରକାର୍ଯ୍ୟ, ରିଲିଫ୍ ବଣ୍ଟନ ଓ କ୍ଷତିପୂରଣ ପ୍ରଦାନ ନିଶ୍ଚିତ ଭାବରେ ଜରୁରୀ। କିନ୍ତୁ ଏହା ସହିତ ବିପର୍ଯ୍ୟୟର କ୍ଷତିକୁ କିପରି କମାଯାଇପାରିବ, ସେଥିପାଇଁ ଆଗୁଆ ପ୍ରସ୍ତୁତି ଅଧିକ ଗୁରୁତ୍ୱପୂର୍ଣ୍ଣ। ପ୍ରତିବର୍ଷ ରାସ୍ତାରେ ପାଣି ଜମୁଥିଲେ କେବଳ ପାଣି ନିଷ୍କାସନ କରିଦେବା ଯଥେଷ୍ଟ ନୁହେଁ। କେଉଁଠି ଡ୍ରେନେଜ୍ ବ୍ୟବସ୍ଥା ନାହିଁ, କେଉଁଠି ନାଳ ଅବରୋଧ ହୋଇଛି ଏବଂ କେଉଁଠି ଅନିୟନ୍ତ୍ରିତ ନିର୍ମାଣ ଜଳପ୍ରବାହକୁ ବାଧା ଦେଉଛି, ତାହାର ଚିହ୍ନଟ ହେବା ଆବଶ୍ୟକ।

ସହର ଓ ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ ସମୟରେ ପ୍ରାକୃତିକ ଜଳପଥ, ପୋଖରୀ, ଜଳାଶୟ ଓ ନିଷ୍କାସନ ନାଳକୁ ସୁରକ୍ଷିତ ରଖିବା ଦରକାର। ଉନ୍ନୟନର ଅର୍ଥ କେବଳ ନୂଆ ରାସ୍ତା, କୋଠା କିମ୍ବା ବଜାର ନିର୍ମାଣ ନୁହେଁ; ଉନ୍ନୟନର ଅର୍ଥ ହେଉଛି ଲୋକଙ୍କ ଜୀବନକୁ ଅଧିକ ସୁରକ୍ଷିତ, ସୁବିଧାଜନକ ଓ ସ୍ଥାୟୀ କରିବା। ଯଦି ନୂଆ ନିର୍ମାଣ ପରେ ସାମାନ୍ୟ ବର୍ଷାରେ ଜଳବନ୍ଦୀ ସୃଷ୍ଟି ହୁଏ, ତେବେ ସେହି ଯୋଜନାର ଗୁଣବତ୍ତା ଓ ଦୂରଦୃଷ୍ଟିକୁ ପରୀକ୍ଷା କରିବା ଜରୁରୀ।

ପ୍ରାକୃତିକ ବିପର୍ଯ୍ୟୟର ସବୁଠାରୁ ଗଭୀର ପ୍ରଭାବ କୃଷି କ୍ଷେତ୍ରରେ ପଡ଼ିଥାଏ। ବନ୍ୟା କିମ୍ବା ଅତିବୃଷ୍ଟିରେ ଧାନ, ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେଲେ ଚାଷୀ ଋଣ ଓ ଆର୍ଥିକ ଚାପରେ ପଡ଼ନ୍ତି। ତେଣୁ କ୍ଷୟକ୍ଷତିର ନିରପେକ୍ଷ ଆକଳନ, ଯୋଗ୍ୟ ଚାଷୀଙ୍କୁ ସମୟୋଚିତ ସହାୟତା, ଫସଲ ବୀମା ସମ୍ପର୍କିତ ସହଯୋଗ ଓ ପରବର୍ତ୍ତୀ ଚାଷ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଣକୁ ପ୍ରାଥମିକତା ଦିଆଯିବା ଉଚିତ।

କ୍ଷତିପୂରଣ ଘୋଷଣା କରିଦେବା ଓ ପ୍ରକୃତ କ୍ଷତିଗ୍ରସ୍ତଙ୍କ ନିକଟରେ ସହାୟତା ପହଞ୍ଚାଇବା ଦୁଇଟି ଭିନ୍ନ କଥା। ପ୍ରଶାସନିକ ପ୍ରକ୍ରିୟା ସରଳ ଓ ସ୍ୱଚ୍ଛ ହେବା ଦରକାର। ଯେଉଁମାନେ ପ୍ରକୃତରେ ସହାୟତା ପାଇବାକୁ ଯୋଗ୍ୟ, ସେମାନେ ଯେପରି ଅଯଥା ଦୌଡ଼ାଦୌଡ଼ି ଓ ଅଫିସ୍‌ରୁ ଅଫିସ୍‌କୁ ଯିବାର କଷ୍ଟ ନ ଭୋଗନ୍ତି, ସେଥିପ୍ରତି ଯତ୍ନବାନ ହେବା ଦରକାର।

ବିପର୍ଯ୍ୟୟ ପରିଚାଳନା କେବଳ ସରକାର କିମ୍ବା ପ୍ରଶାସନର ଏକପାଖିଆ ଦାୟିତ୍ୱ ନୁହେଁ। ଏଥିରେ ପଞ୍ଚାୟତ, ପୌରସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ଯୁବକ, ସାମାଜିକ କର୍ମୀ ଓ ସାଧାରଣ ନାଗରିକଙ୍କ ସହଭାଗିତା ଆବଶ୍ୟକ। ପ୍ରତ୍ୟେକ ବିପଦପ୍ରବଣ ଅଞ୍ଚଳରେ ଆଗୁଆ ସତର୍କ ସୂଚନା, ନିରାପଦ ଆଶ୍ରୟସ୍ଥଳ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ଔଷଧ ଓ ଜରୁରୀ ଯୋଗାଯୋଗ ବ୍ୟବସ୍ଥା ରହିବା ଦରକାର।

ବିଶେଷକରି ଶିଶୁ, ବୃଦ୍ଧ, ଦିବ୍ୟାଙ୍ଗ ଓ ଗୁରୁତର ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ରହିବା ଆବଶ୍ୟକ। ବିପଦ ସମୟରେ ଉଦ୍ଧାରକାର୍ଯ୍ୟ ପାଇଁ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ଅନ୍ୟ ଜରୁରୀ ସେବାର ପହଞ୍ଚ ସୁନିଶ୍ଚିତ କରିବାକୁ ହେବ। ଏହା ସହିତ ସ୍କୁଲ, କଲେଜ ଓ ଗ୍ରାମସଭା ସ୍ତରରେ ବିପର୍ଯ୍ୟୟ ସମ୍ପର୍କିତ ସଚେତନତା ଓ ମକ୍ ଡ୍ରିଲ୍‌ର ବ୍ୟବସ୍ଥା କରାଯାଇପାରେ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଅନୁଭୂତ ହେଉଛି। ବର୍ଷାର ଅନିୟମିତତା, ଅତ୍ୟଧିକ ଉତ୍ତାପ, ଜଙ୍ଗଲ କ୍ଷୟ ଓ ପ୍ରାକୃତିକ ଜଳାଶୟର ଅବନତି ପରିବେଶୀୟ ସନ୍ତୁଳନକୁ ପ୍ରଭାବିତ କରୁଛି। ଏପରି ସ୍ଥିତିରେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା, ଜଳାଶୟର ପୁନରୁଦ୍ଧାର ଓ ଯୋଜନାବଦ୍ଧ ସହରୀକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ।

ପ୍ରକୃତି ସହିତ ସଂଘର୍ଷ କରି ନୁହେଁ, ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ଉନ୍ନୟନର ପଥ ଖୋଜିବାକୁ ହେବ। ନଦୀ, ନାଳ, ଜଙ୍ଗଲ ଓ ଜଳାଶୟର ସୁରକ୍ଷାକୁ ଅଣଦେଖା କରି କୌଣସି ଅଞ୍ଚଳର ସ୍ଥାୟୀ ବିକାଶ ସମ୍ଭବ ନୁହେଁ।

ବିପର୍ଯ୍ୟୟ ଆସିଲେ ମାନବିକତାର ପରିଚୟ ଦେବା ଯେତିକି ଜରୁରୀ, ବିପର୍ଯ୍ୟୟ ଆସିବା ପୂର୍ବରୁ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ପ୍ରସ୍ତୁତ ରହିବା ତାଠାରୁ ଅଧିକ ଜରୁରୀ। ରିଲିଫ୍ ବଣ୍ଟନ ତୁରନ୍ତ ଆଶ୍ୱାସନ ଦେଇପାରେ, କିନ୍ତୁ ସ୍ଥାୟୀ ଯୋଜନା ହିଁ ଭବିଷ୍ୟତର କ୍ଷତିକୁ କମାଇପାରିବ।

ସରକାରଙ୍କ ଯୋଜନା, ପ୍ରଶାସନର ତତ୍ପରତା, ସ୍ଥାନୀୟ ସଂସ୍ଥାର ଦାୟିତ୍ୱବୋଧ ଓ ଜନସାଧାରଣଙ୍କ ସହଯୋଗ ଏକାଠି ହେଲେ ହିଁ ବିପର୍ଯ୍ୟୟର ମୁକାବିଲା ଅଧିକ ପ୍ରଭାବଶାଳୀ ହୋଇପାରିବ। ଆମର ଲକ୍ଷ୍ୟ କେବଳ ବିପଦ ପରେ କ୍ଷତି ପୂରଣ କରିବା ନୁହେଁ, ବରଂ ବିପଦର ପ୍ରଭାବକୁ ସର୍ବନିମ୍ନ କରିବା ହେବା ଉଚିତ। କାରଣ, ପ୍ରକୃତ ଉନ୍ନତିର ମାପକାଠି କେବଳ ନିର୍ମାଣ ନୁହେଁ, ଲୋକଙ୍କ ଜୀବନ କେତେ ସୁରକ୍ଷିତ ତାହା ହିଁ ଉନ୍ନତିର ପ୍ରକୃତ ପରିଚୟ।

ଇତିହାସ ପୃଷ୍ଠାରୁ ଆନି ଫ୍ରାଙ୍କ



ବିଷ୍ଣୁ ପ୍ରସାଦ ଦାସ

ଅସହ୍ୟ ଯନ୍ତ୍ରଣା ଏବଂ ମାନବୀୟ ବାର୍ତ୍ତା ବହନ କରୁଥିବା ଜଣେ କିଶୋରୀର ହୃଦୟ ବିଦାରକ ଲେଖାରେ ପରିପୂର୍ଣ୍ଣ ଏକ ଡାଏରୀ । ବିଶ୍ୱ ଇତିହାସରେ ଏପରି କେତେକ ନାମ ରହିଛି, ଯେଉଁମାନେ ଅଳ୍ପ ଆୟୁଷରେ ମଧ୍ୟ ନିଜର ଚିନ୍ତାଧାରା, ଅନୁଭୂତି ଏବଂ ଲେଖନୀ ମାଧ୍ୟମରେ ମାନବ ସମାଜର ହୃଦୟରେ ଏକ ସ୍ଥାନ ଅଧିକାର କରି ପାରିଛନ୍ତି । ଆନି ଫ୍ରାଙ୍କ ସେହିଭଳି ଜଣେ ଅନନ୍ୟ କିଶୋରୀ ଥିଲେ। ତାଙ୍କ ଜୀବନର ଗୋଟିଏ ପଟେ ନାଜି ଅତ୍ୟାଚାରର ନିର୍ମମ ଇତିହାସ ଥିବା ସମୟରେ ଅନ୍ୟପଟେ ବଞ୍ଚିବାର ପ୍ରବଳ ଆଶା ଥିଲା। ଅସଂଖ୍ୟ ସ୍ୱପ୍ନ, ଅଦମ୍ୟ ସାହସ ତଥା ମାନବୀୟ ମୂଲ୍ୟବୋଧର ଏକ ଅବିସ୍ମରଣୀୟ ଅନୁଭୂତିକୁ ନେଇ ତାଙ୍କର ଡାଏରୀ ।

ଶୈଶବରୁ ନିର୍ବାସନ ପର୍ଯ୍ୟନ୍ତ -- ଆନି ଫ୍ରାଙ୍କଙ୍କ ପୂରା ନାମ ଆନେଲିଜ୍ ମାରି ଫ୍ରାଙ୍କ ଥିଲା । ୧୨ ଜୁନ୍ ୧୯୨୯ ମସିହାରେ ଜର୍ମାନୀର ଫ୍ରାଙ୍କଫର୍ଟ ସହରରେ ତାଙ୍କର ଜନ୍ମ ହୋଇଥିଲା । ପିତା ଅଟୋ ଫ୍ରାଙ୍କ ଏବଂ ମାତା ଏଡିଥ୍ ଫ୍ରାଙ୍କଙ୍କର ସେ ଥିଲେ ସାନ ଝିଅ। ତାଙ୍କର ବଡ଼ ଭଉଣୀଙ୍କ ନାମ ଥିଲା ମାର୍ଗୋଟ୍। ୧୯୩୩ ମସିହାରେ ଆଡଲଫ୍ ହିଟଲର ଜର୍ମାନୀରେ କ୍ଷମତାକୁ ଆସିବା ପରେ ଇହୁଦୀ ସମ୍ପ୍ରଦାୟ ଉପରେ ନିର୍ଯାତନା ଏବଂ ଭେଦଭାବ ବଢ଼ିବାକୁ ଲାଗିଲା। ଏହି ପରିସ୍ଥିତିରେ ଫ୍ରାଙ୍କଙ୍କ ପରିବାର ଜର୍ମାନୀ ଛାଡ଼ି ନେଦରଲ୍ୟାଣ୍ଡର ଆମଷ୍ଟରଡାମ୍‌ରେ ଆଶ୍ରୟ ନେଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ୧୯୪୦ ମସିହାରେ ଜର୍ମାନ ସେନା ନେଦରଲ୍ୟାଣ୍ଡ ଅଧିକାର କରି ନେଲେ । ସେଠାରେ ମଧ୍ୟ ଇହୁଦୀମାନଙ୍କ ଜୀବନ ଅସୁରକ୍ଷିତ ହୋଇ ପଡ଼ିଲା । ଧର୍ମ ନାମରେ ଗଣ ହତ୍ୟା ବଢ଼ି ଚାଲିଲା।

ଡାଏରୀର ପୃଷ୍ଠାରେ ଲୁଚିଥିବା ଜୀବନ-- ୧୨ ଜୁନ୍ ୧୯୪୨ରେ ତାଙ୍କର ତ୍ରୟୋଦଶ ଜନ୍ମଦିନ ଉପହାର ଭାବେ ଆନିଙ୍କୁ ଏକ ଡାଏରୀ ମିଳିଥିଲା। ସେହି ଡାଏରୀ ତାଙ୍କ ଜୀବନର ଏକ ଅଭିନ୍ନ ସାଥୀ ହୋଇଗଲା । ସେ ନିଜର ସୁଖ, ଦୁଃଖ, ଭୟ, ଆଶା, ସ୍ୱପ୍ନ ଏଂ ମନର ଅକୁହା କଥାଗୁଡ଼ିକୁ ଡାଏରୀରେ ଲେଖିବାକୁ ଲାଗିଲେ । ୬ ଜୁଲାଇ ୧୯୪୨ରେ ହିଟଲରଙ୍କ ନାଜି ସେନାର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଆନିଙ୍କ ପରିବାର ଆମଷ୍ଟରଡାମ୍‌ରେ ଥିବା ତାଙ୍କ ପିତାଙ୍କ ବ୍ୟବସାୟ ପ୍ରତିଷ୍ଠାନର ପଛପଟେ ଥିବା ଏକ ଗୁପ୍ତ କୋଠରିରେ ଆତ୍ମଗୋପନ କଲେ। ପରବର୍ତ୍ତୀ ସମୟରେ ଆଉ ଚାରିଜଣ ଇହୁଦୀ ମଧ୍ୟ ସେମାନଙ୍କ ସହିତ ଯୋଗ ଦେଲେ ।

ପ୍ରାୟ ଦୁଇ ବର୍ଷ ଧରି ଆଠଜଣ ଲୋକ ଏକ ଗୁପ୍ତ କୋଠରୀର ସୀମିତ ସ୍ଥାନରେ ଭୟ, ଅନିଶ୍ଚିତତା ତଥା ଅସହ୍ୟ ମାନସିକ ଚାପ ମଧ୍ୟରେ ଜୀବନ ବିତାଇଲେ । ସେମାନଙ୍କର ବାହାରକୁ ଯିବାର ସ୍ୱାଧୀନତା ନଥିଲା । ଦିନବେଳେ ସାମାନ୍ୟ ଶବ୍ଦ କରିବାକୁ ମଧ୍ୟ ସେମାନେ ଭୟ କରୁଥିଲେ । ଏହି ଅନ୍ଧକାରମୟ ଜୀବନ ମଧ୍ୟରେ ଆନିଙ୍କ ଡାଏରୀ ହିଁ ତାଙ୍କର ଏକମାତ୍ର ବିଶ୍ୱସ୍ତ ବନ୍ଧୁ ପାଲଟି ଯାଇ ଥିଲା । ସେ ଡାଏରୀକୁ ନିଜର କଳ୍ପିତ ବନ୍ଧୁ 'କିଟି' ବୋଲି ସମ୍ବୋଧନ କରୁଥିଲେ। ତାଙ୍କ ଲେଖାରେ କେବଳ ଯୁଦ୍ଧର ଭୟ ନଥିଲା, ଥିଲା ଜଣେ କିଶୋରୀର ପ୍ରେମ, ସ୍ୱାଧୀନତାର ଆକାଂକ୍ଷା, ପରିବାର ସହ ମତାନ୍ତର ଏବଂ ଭବିଷ୍ୟତରେ ଜଣେ ଲେଖିକା ତଥା ସାମ୍ବାଦିକ ହେବାର ସୁନେଲି ସ୍ୱପ୍ନ।

ସ୍ୱପ୍ନର ଅକାଳ ମୃତ୍ୟୁ ଶେଷରେ ଦ୍ୱାର ଦେଶରେ କରାଘାତ କଲା । ୪ ଅଗଷ୍ଟ ୧୯୪୪ ମସିହାରେ ନାଜି ପୋଲିସ ଆନି ଏବଂ ତାଙ୍କ ସହିତ ଲୁଚି ରହିଥିବା ଅନ୍ୟମାନଙ୍କୁ ଗିରଫ୍ ରିନେଲା । ସେମାନଙ୍କୁ ପ୍ରଥମେ ଆଉଶ୍ୱିଜ୍‌ର ନିର୍ଯାତନା ଶିବିରକୁ ପଠାଗଲା । ପରେ ଆନି ଏବଂ ତାଙ୍କ ବଡ଼ ଭଉଣୀ ମାର୍ଗୋଟ୍‌ଙ୍କୁ ଜର୍ମାନୀର ବର୍ଗେନ୍-ବେଲସେନ୍ ଶିବିରକୁ ସ୍ଥାନାନ୍ତର କରାଗଲା। ସେଠାରେ ଖାଦ୍ୟାଭାବ, ଅସ୍ୱାସ୍ଥ୍ୟକର ପରିବେଶ, ଥଣ୍ଡା, ରୋଗବ୍ୟାଧି ଯୋଗୁଁ ହଜାର ହଜାର ଇହୁଦୀ ମୃତ୍ୟୁବରଣ କରୁଥିଲେ । ଶେଷରେ ଟାଇଫସ୍ ରୋଗରେ ଆକ୍ରାନ୍ତ ହୋଇ ଆନି ଏବଂ ମାର୍ଗୋଟ୍‌ଙ୍କର ୧୯୪୫ ମସିହା ଫେବୃଆରୀ / ମାର୍ଚ୍ଚ ମାସରେ ଅକାଳ ମୃତ୍ୟୁ ହୋଇଥିଲା । ଆନିଙ୍କୁ ସେତେବେଳେ ମାତ୍ର ୧୫ ବର୍ଷ ବୟସ ହୋଇଥିଲା । ଜୀବନରେ ଜଣେ ଲେଖିକା ହେବାର ସ୍ୱପ୍ନ ଦେଖୁଥିବା ସେହି କିଶୋରୀ ନିଜ ସ୍ୱପ୍ନକୁ ପୂରଣ କରିବା ପୂର୍ବରୁ ଦୁନିଆରୁ ବିଦାୟ ନେଲେ ।



ଡାଏରୀରୁ ବିଶ୍ୱ ସାହିତ୍ୟ ପର୍ଯ୍ୟନ୍ତ-- ଆନିଙ୍କ ଚର୍ଚ୍ଚା ବଢ଼ି ଚାଲିଲା । ଯୁଦ୍ଧ ଶେଷ ହେବା ପରେ ଆନିଙ୍କ ପିତା ଅଟୋ ଫ୍ରାଙ୍କ ଆମଷ୍ଟରଡାମ୍ ଫେରି ଜାଣିବାକୁ ପାଇଲେ ଯେ, ତାଙ୍କର ସ୍ତ୍ରୀ ଏବଂ ଦୁଇ ଝିଅଙ୍କ ମଧ୍ୟରୁ କେହି ଜୀବିତ ନାହାନ୍ତି । ଆନିଙ୍କ ଡାଏରୀ ତାଙ୍କର ଜଣେ ସହାୟିକା ମିପ୍ ଗିସ୍ ସୁରକ୍ଷିତ ରଖିଥିଲେ । ସେହି ଡାଏରୀ ଅଟୋ ଫ୍ରାଙ୍କଙ୍କ ହାତରେ ପହଞ୍ଚିବା ପରେ ସେ ତାହାକୁ ପୁସ୍ତକ ଆକାରରେ ପ୍ରକାଶ କରିବାର ବ୍ୟବସ୍ଥା କଲେ । ୧୯୪୭ ମସିହାରେ ଡଚ୍ ଭାଷାରେ ପ୍ରକାଶିତ ହେଲା ଆନି ଫ୍ରାଙ୍କଙ୍କ ଡାଏରୀ—'ଦି ଡାଏରୀ ଅଫ ଏ ୟଙ୍ଗ ଗାର୍ଲ' । ପରବର୍ତ୍ତୀ ସମୟରେ ଏହା ବିଶ୍ୱର ଅନେକ ଭାଷାରେ ଅନୁବାଦ ହୋଇ ଲକ୍ଷ ଲକ୍ଷ ପାଠକଙ୍କ ହୃଦୟକୁ ସ୍ପର୍ଶ କରୁଛି । ଆଜି ମଧ୍ୟ ଏହା ହୋଲୋକଷ୍ଟର ଏକ ମୂଲ୍ୟବାନ ଐତିହାସିକ ଦଲିଲ ଭାବେ ପରିଚିତ।

ଇତିହାସ ଆମକୁ କ'ଣ ଶିଖାଏ? ଆନି ଫ୍ରାଙ୍କଙ୍କ ଜୀବନ କେବଳ ଜଣେ କିଶୋରୀର ଦୁଃଖଦ କାହାଣୀ ନୁହେଁ । ଏହା ମାନବ ସଭ୍ୟତା ପାଇଁ ଏକ ଗଭୀର ଚେତାବନୀ । ଧର୍ମ, ଜାତି, ବର୍ଣ୍ଣ, ଭାଷା କିମ୍ବା ରାଜନୈତିକ ବିଚାରଧାରା ଆଧାରରେ ମଣିଷକୁ ଘୃଣା କରିବାର ପରିଣାମ କେତେ ଭୟଙ୍କର ହୋଇପାରେ, ତାହା ତାଙ୍କ ଜୀବନ ଆମକୁ ସ୍ମରଣ କରାଇ ଦେଉଛି। ଜଣେ ଶାସକଙ୍କ ଘୃଣା, କ୍ଷମତାର ଅହଂକାର ଏବଂ ମଣିଷ ମଧ୍ୟରେ ବିଭେଦ ସୃଷ୍ଟି କରିବାର ମନୋଭାବ କିପରି ଲକ୍ଷ ଲକ୍ଷ ନିରୀହ ଜୀବନକୁ ଧ୍ୱଂସ କରିପାରେ, ତାହା ହୋଲୋକଷ୍ଟର ଇତିହାସରୁ ସ୍ପଷ୍ଟ ହୁଏ । ୧୯୪୧ ମସିହାରୁ ୧୯୪୫ ମସିହା ମଧ୍ୟରେ ପ୍ରାୟ ଛଅ ମିଲିୟନ ଇହୁଦୀଙ୍କୁ ଧର୍ମ ନାମରେ ଅକଥନୀୟ ଅତ୍ୟାଚାର କରି ମାରିବା ଏକ ବିରଳ ଘଟଣା ।

ଆଜି ପୃଥିବୀର ବିଭିନ୍ନ ଦେଶରେ ଯୁଦ୍ଧ, ହିଂସା, ଧାର୍ମିକ ଅସହିଷ୍ଣୁତା ତଥା ମାନବାଧିକାର ଉଲ୍ଲଂଘନ ଦେଖିବାକୁ ମିଳୁଛି । ଏପରି ପରିସ୍ଥିତିରେ ଆନି ଫ୍ରାଙ୍କଙ୍କ ଡାଏରୀ ଆମକୁ ପୁଣିଥରେ ମାନବିକତା, ସହନଶୀଳତା ଏବଂ ଶାନ୍ତିର ମୂଲ୍ୟ ବୁଝାଇ ଥାଏ । ଜଣେ ପନ୍ଦର ବର୍ଷର କିଶୋରୀ ନିଜ ଜୀବନରେ ଯାହା ପାଇ ପାରିଲେ ନାହିଁ, ତାହା ତାଙ୍କ ଲେଖନୀ ମାଧ୍ୟମରେ ସମଗ୍ର ବିଶ୍ୱକୁ ଦେଇ ଗଲେ । ଆନି ଫ୍ରାଙ୍କ ଆଜି ନାହାନ୍ତି, କିନ୍ତୁ ତାଙ୍କ ଡାଏରୀର ପ୍ରତ୍ୟେକ ପୃଷ୍ଠା ଆଜି ମଧ୍ୟ ମାନବତାର ସପକ୍ଷରେ କଥା କହୁଛି। ତାଙ୍କ ଶରୀର ନିର୍ଯାତନା ଶିବିରରେ ଶେଷ ହୋଇଗଲା, କିନ୍ତୁ ତାଙ୍କ ଚିନ୍ତାଧାରା ଏବଂ ଲେଖନୀ ମୃତ୍ୟୁକୁ ପରାଜିତ କରି ଅମର ହୋଇ ରହିଗଲା।

ଆନି ଫ୍ରାଙ୍କଙ୍କ ଜୀବନ ଆମକୁ ଗୋଟିଏ ପ୍ରଶ୍ନ ପଚାରେ—ସତରେ କଣ ଧର୍ମ ମାନବିକତା ଠାରୁ ଶୀର୍ଷରେ? କୌଣସି ଧର୍ମକୁ ଘୃଣା କରିବା କଣ ଅନ୍ୟ କୌଣସି ଧର୍ମ ଗ୍ରନ୍ଥରେ ଲିପିବଦ୍ଧ ହୋଇ ରହିଛି? ମାନବ ନିଜ ସ୍ୱାର୍ଥ ପାଇଁ ଧର୍ମ ନାମରେ ଗଣହତ୍ୟା କରି ଚାଲିଛି, ଏହା ଆମ ସମାଜ ପାଇଁ କେତେ ଗ୍ରହଣୀୟ? ମୂର୍ଖ, ଧର୍ମାନ୍ଧ, ଅତ୍ୟାଚାରୀ ନର ରାକ୍ଷସ ମାନେ ପୃଥିବୀର ବିଭିନ୍ନ ଧର୍ମାନ୍ଧ ଦେଶର ମୁଖ୍ୟ ହୋଇ ଏକବିଂଶ ଶତାବ୍ଦୀରେ ମଧ୍ୟ ନର ସଂହାର କରି ଚାଲିଛନ୍ତି । ଧର୍ମ କଣ ସତରେ ଆମକୁ ଏହା ଶିଖାଉଛି? ଆନି ଫ୍ରାଙ୍କ ପୃଥିବୀରୁ ବିଦାୟ ନେବାର ୮୪ ବର୍ଷ ବିତି ଯାଇଛି, ଅନେକ ପାଠକ ତାଙ୍କ ବହି କିଣି ପଢ଼ିଛନ୍ତି । ଅନେକ ଆଲୋଚନା ସମାଲୋଚନା ହୋଇଛି । କିନ୍ତୁ କେତେଜଣ ତାହାକୁ କାର୍ଯ୍ୟରେ ଲଗାଇଛନ୍ତି? ଆଜି ଆମେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁ, ନିରୀହ ଜନତା ରକ୍ତରେ ହୋଲି ଖେଳୁ, ଜନତାଙ୍କ ଶବ ଉପରେ ପାଦ ରଖି ନିଜ ଶାସନ ଗାଦୀକୁ ସୁରକ୍ଷିତ ରଖୁ ...ଏହାହିଁ ବାସ୍ତବତା.... ମଞ୍ଚରେ ଭାଷଣ ଦେବା ସହଜ, କର୍ମକ୍ଷେତ୍ରରେ ତାହାକୁ କାର୍ଯ୍ୟକାରୀ କରିବା କଷ୍ଟକର ବ୍ୟାପାର ହୋଇ ଯାଇଛି। ଆନି ଫ୍ରାଙ୍କ ଶିଖାଇ ଦେଇଗଲେ .... ଆମେ ଏକବିଂଶ ଶତାବ୍ଦୀରେ ମଧ୍ୟ ସବୁ ଭୁଲିଗଲୁ, କାରଣ ଆମେ କଷ୍ଟ ଅନୁଭବ କରିଲୁ ନାହିଁ.... ଆମେ ସ୍ୱାର୍ଥପର ମଣିଷ ... ମିଳିତ ଜାତିସଂଘ ସ୍ଥାଣୁ... ପୃଥିବୀରେ ଅନେକ ଦେଶ ଆଜି ମଧ୍ୟ ଧର୍ମ ନାମରେ ଜନତାଙ୍କୁ ଶୋଷଣ କରନ୍ତି, ଯୁଦ୍ଧ କରନ୍ତି.... ନୀରିହ ଲୋକଙ୍କୁ ପୋକ ମାଛି ପରି ମାରନ୍ତି... ଆଜିବି ହିଟ୍ଲର୍ ରୂପୀ ଅନେକ ଶାସକ ଜୀବିତ....ସ୍ୱର୍ଗରେ ଥାଇ ସେହି କୋମଳମତି ବାଳିକା ଆନି ଫ୍ରାଙ୍କଙ୍କ ଆଖିରୁ ଅଶ୍ରୁ ଏବେବି ବୋହି ଚାଲିଛି...ଆମ ମାନବିକତା ଧିରେ ଧୀରେ ପାଶବିକତାରେ ରୂପାନ୍ତରିତ ହେଉଛି । ଜୟ ଜଗନ୍ନାଥ ।

+ବରିଷ୍ଠ ନାଗରୀକ
ସ୍ନେହ କୁଟୀର
ଝାଞ୍ଜିରୀମଙ୍ଗଳା, କଟକ
୭୫୩୦୦୯
ମୋ: ୯୯୩୭୧୭୪୦୯୭

ଅଖଣ୍ଡ ଭାରତର ଶିଳ୍ପୀ : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ



ଦଶରଥ ହେମ୍ବ୍ରମ୍

ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଆଧୁନିକ ଭାରତ ନିର୍ମାଣ କରିବାରେ ଯେଉଁ ମହାନ ବ୍ୟକ୍ତିମାନଙ୍କ ଅମୂଲ୍ୟ ଅବଦାନ ମଧ୍ୟରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ହେଉଛନ୍ତି ଅନ୍ୟତମ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ସାହସ, ଦେଶପ୍ରେମ ଓ ଦୂରଦୃଷ୍ଟି ପାଇଁ ସେ ସମଗ୍ର ଦେଶରେ 'ଲୌହମାନବ' ଭାବରେ ସେ ପରିଗଣିତ। ଭାରତ ଦେଶରେ ଥିବା ବିଭିନ୍ନ ରାଜ୍ୟର ବିଭିନ୍ନ ଭାଷା, ଧର୍ମ, ବର୍ଣ୍ଣ, ଲିଙ୍ଗ, ସଂସ୍କୃତି, ପରମ୍ପରା, ଇତିହାସ ଓ ଜାତିର ଲୋକମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅବିସ୍ମରଣୀୟ। ସେ କେବଳ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ବରଂ ଆଧୁନିକ ଭାରତର ଏକତା ଓ ଅଖଣ୍ଡତାର ଅନ୍ୟତମ ପ୍ରମୁଖ ବିନ୍ଧାଣି, ଯାହାକୁ ଆମେ ତାଙ୍କୁ ଅଖଣ୍ଡ ଭାରତର ଶିଳ୍ପୀ ବୋଲି କହିଥାଉ।

୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜରାଟରେ ଥିବା ନାଦିଆଦଠାରେ ଏକ ସାଧାରଣ କୃଷକ ପରିବାରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିଲାଦିନ ଗ୍ରାମୀଣ ପରିବେଶରେ ଅତିବାହିତ ହୋଇଥିଲା। ଛୋଟ ପିଲାଦିନରୁ ତାଙ୍କ ମନରେ ଦେଶପ୍ରେମ, ସାହସ, ଆତ୍ମବିଶ୍ୱାସ ଓ କର୍ତ୍ତବ୍ୟନିଷ୍ଠାର ଭାବନା ରହିଥିଲା। ପରିବାରର ସାଧାରଣ ଆର୍ଥିକ ପରିସ୍ଥିତି ସତ୍ତ୍ୱେ ସେ ଶିକ୍ଷାଲାଭ ପ୍ରତି ଗଭୀର ଆଗ୍ରହ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ସେ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଲଣ୍ଡନରୁ ଆଇନ ଶିକ୍ଷା ଗ୍ରହଣ କରି ଜଣେ ସଫଳ ବାରିଷ୍ଟର ହୋଇପାରିଥିଲେ। ପରେ ସେ ଭାରତକୁ ଫେରି ଆସି ଅହମ୍ମଦାବାଦରେ ଓକିଲାତି ଆରମ୍ଭ କରିଥିଲେ। ନିଜର ବୁଦ୍ଧିମତ୍ତା, କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା ଦ୍ୱାରା ସେ ଜଣେ ସଫଳ ଆଇନଜୀବୀ ଭାବେ ସମଗ୍ର ଭାରତରେ ପରିଚୟ ଲାଭ କରିଥିଲେ। ଏହାପରେ ୧୯୨୦ ମସିହାରେ ସେ ଅହମ୍ମଦାବାଦ ପୌରପାଳିକାର ପ୍ରଶାସନିକ କାର୍ଯ୍ୟରେ ଯୋଗ ଦେଇଥିଲେ। ସେଠାରେ ପ୍ରଶାସନିକ ସେବା କାର୍ଯ୍ୟରେ ଥିବାବେଳେ ସହରର ସ୍ୱଚ୍ଛତା, ନିଷ୍କାସନ ବ୍ୟବସ୍ଥା, ରାସ୍ତାଘାଟ, ବିଦ୍ୟୁତୀକରଣ ଓ ଶିକ୍ଷାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ତାଙ୍କର ଏହି ପ୍ରଶାସନିକ ଅଭିଜ୍ଞତା ପରବର୍ତ୍ତୀ ସମୟରେ ଦେଶ ଗଠନରେ ବିଶେଷ ସହାୟକ ହୋଇଥିଲା।

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରାରେ ଅନୁପ୍ରାଣିତ ହୋଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ସେ ସତ୍ୟ, ଅହିଂସା ଓ ଅସହଯୋଗକୁ ସ୍ୱାଧୀନତା ହାସଲ କରିବାର ମୁଖ୍ୟ ଅସ୍ତ୍ର ଭାବେ ଗ୍ରହଣ କରିଥିଲେ। ଗୁଜରାଟର ଗାଁଗାଁ ବୁଲି ସାଧାରଣଲୋକଙ୍କ ସମସ୍ୟା ବୁଝୁଥିଲେ ଏବଂ ସେମାନଙ୍କୁ ଅନ୍ୟାୟ ବିରୋଧରେ ଏକତ୍ରିତ ହେବାକୁ ଆହ୍ୱାନ କରୁଥିଲେ। ଭାରତରେ ଇଂରେଜ ଶାସନର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ତାଙ୍କର ସଂଗ୍ରାମ ଦେଶବାସୀଙ୍କ ମନରେ ସାହସ ଓ ଆତ୍ମବିଶ୍ୱାସ ଜାଗ୍ରତ କରିଥିଲା।

ସର୍ଦ୍ଦାର ବଲ୍ଲଭ ଭାଇର ପ୍ରମୁଖ ଗୁଣ ଥିଲା ବିଶ୍ୱାସ ଓ ସଚ୍ଚୋଟତା। କୃଷକମାନେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖୁଥିଲେ। ତାଙ୍କ ଜୀବନରେ କୃଷକ ଆନ୍ଦୋଳନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଗୁଜରାଟର ଖେଡ଼ା ଅଞ୍ଚଳରେ କୃଷକମାନେ ଦୁର୍ଦ୍ଦଶାରେ ଥିବା ସମୟରେ ଇଂରେଜ ସରକାର ରାଜସ୍ୱ ଆଦାୟ କରିବାକୁ ଜୋର କରିଥିଲା। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଜୀଙ୍କ ସହଯୋଗରେ ସେ କୃଷକମାନଙ୍କୁ ସଂଗଠିତ କରି ଅନ୍ୟାୟ ବିରୋଧରେ ସତ୍ୟାଗ୍ରହ କରିଥିଲେ। ସେ ୧୯୨୮ ମସିହାରେ ବାର୍ଦୋଲୀର କୃଷକମାନଙ୍କ ଉପରେ ଭୂରାଜସ୍ୱ ବୃଦ୍ଧି କରାଯିବାରୁ ଏହାର ଦୃଢ଼ ବିରୋଧ କରିଥିଲେ। ତାଙ୍କ ନେତୃତ୍ୱରେ କୃଷକମାନେ ସତ୍ୟାଗ୍ରହ କରିଥିଲେ ଏବଂ ଶେଷରେ ସରକାରଙ୍କୁ ରାଜସ୍ୱ ହ୍ରାସ କରିବାକୁ ପଡ଼ିଥିଲା। ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ସ୍ୱର ଉଠାଇବା ସହ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କ ମଧ୍ୟରେ ନିଜର ଦକ୍ଷତା ଓ ଦୂରଦୃଷ୍ଟି ପାଇଁ ସମ୍ମାନ ଲାଭ କରିଥିଲେ। ଏହି ସଫଳତାରେ ଖୁସି ହୋଇ ବାର୍ଦୋଲୀର ମହିଳାମାନେ ତାଙ୍କୁ 'ସର୍ଦ୍ଦାର' ଉପାଧି ପ୍ରଦାନ କରିଥିଲେ। ଏହାଛଡ଼ା ସର୍ଦ୍ଦାର ପଟେଲ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏସବୁ ଆନ୍ଦୋଳନରେ ଯୋଗଦେବା କାରଣରୁ ତାଙ୍କୁ କାରାବରଣ ମଧ୍ୟ କରିବାକୁ ପଡ଼ିଥିଲା। ତଥାପି ସେ ନିଜର ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ। ତାଙ୍କର ଦୃଢ଼ ମନୋବଳ, ତ୍ୟାଗ ଓ ନିଷ୍ଠା ସ୍ୱାଧୀନତା ସଂଗ୍ରାମକୁ ଅଧିକ ଶକ୍ତିଶାଳୀ କରିଥିଲା।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ପରେ ସେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ହୋଇଥିଲେ। ଦେଶର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସେ ପ୍ରଧାନମନ୍ତ୍ରୀ ପଦ ଦୌଡ଼ରୁ ଓହରି ଯାଇଥିଲେ। ତାଙ୍କର ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ବଳରେ ୫୬୨ ଟି ରାଜକୀୟ ରାଜ୍ୟକୁ ଭାରତରେ ମିଶ୍ରଣ କରିଥିଲେ। ଏହି ଐତିହାସିକ କାର୍ଯ୍ୟ ଭାରତର ରାଜନୈତିକ ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିଥିଲା। ଏହି ଅସାଧାରଣ ଅବଦାନ ପାଇଁ ତାଙ୍କୁ 'ଭାରତର ଲୌହମାନବ' ଭାବେ ସମ୍ମାନିତ କରାଯାଏ। ତାଙ୍କର ଏହି ତ୍ୟାଗ ଓ ନିଃସ୍ୱାର୍ଥପର ସେବା ମନୋଭାବ ଦେଶବାସୀଙ୍କୁ ଦେଶସେବାର ପ୍ରକୃତ ଅର୍ଥ ଶିଖାଇ ଦେଇଥାଏ।

ଦୀର୍ଘଦିନ ଧରି ଦେଶସେବା କରିବା ପରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୧୯୫୦ ମସିହା ଡିସେମ୍ବର ୧୫ ତାରିଖରେ ବମ୍ବେଠାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ସମାଧି ଶୋଭାଯାତ୍ରାରେ ପ୍ରଧାନମନ୍ତ୍ରୀ ନେହୁରୁ ଏବଂ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ସହ ପାଖାପାଖି ଦଶ ଲକ୍ଷ ଲୋକ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଭାରତ ପାଇଁ ଏକ ଅପୂରଣୀୟ କ୍ଷତି ଥିଲା। କିନ୍ତୁ ତାଙ୍କର ଆଦର୍ଶ ଓ ଅବଦାନ ଆଜି ମଧ୍ୟ ଦେଶବାସୀଙ୍କୁ ପ୍ରେରଣା ଦେଉଛି। ତାଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ୨୦୧୪ ମସିହାଠାରୁ ପ୍ରତିବର୍ଷ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ସମଗ୍ର ଭାରତରେ ପାଳନ କରାଯାଉଛି। ଏହା ଭାରତର ଏକତା, ଅଖଣ୍ଡତା ଓ ଜାତୀୟ ସଂହତି ପ୍ରତି ଦେଶବାସୀଙ୍କୁ ଦାୟିତ୍ୱକୁ ମନେ ପକାଇଦିଏ। ୨୦୧୮ ମସିହା ଅକ୍ଟୋବର ୩୧ ତାରିଖରେ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗୁଜରାଟରେ ତାଙ୍କର ୧୮୨ ମିଟର ଉଚ୍ଚତାବିଶିଷ୍ଟ 'ଏକତାର ପ୍ରତିମୂର୍ତ୍ତି' ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରତିମୂର୍ତ୍ତି ତାଙ୍କର ମହାନ ବ୍ୟକ୍ତିତ୍ୱ ଓ ଜାତୀୟ ଏକତାର ପ୍ରତୀକ।

ଭାରତ ଇତିହାସରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ଅମର ଜନନାୟକ ତଥା ଅଖଣ୍ଡ ଭାରତର ଶିଳ୍ପୀ। ତାଙ୍କର ଦୃଢ଼ ସଂକଳ୍ପ, ତ୍ୟାଗ, ନିର୍ଭୀକ ନେତୃତ୍ୱ ଓ ଅତୁଳନୀୟ ଦେଶପ୍ରେମ ଭାରତକୁ ଏକତାର ସୂତ୍ରରେ ବାନ୍ଧି ରଖିଥିଲା। ତାଙ୍କ ଜୀବନ ଆମକୁ ଶୃଙ୍ଖଳା, ସଚ୍ଚୋଟତା, ତ୍ୟାଗ ଓ ଜାତୀୟ ଏକତାର ଶିକ୍ଷା ଦିଏ। ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଳି। ଏହି ମହାନ ଜନନେତା ତଥା ଯୁଗପୁରୁଷଙ୍କୁ କୋଟି କୋଟି ପ୍ରଣାମ।

+ବାଲେଶ୍ୱର
ମୋ-୯୩୩୭୪୦୪୨୫୪

କବିତା କୋଣାର୍କ

ତୁ ମୋ ଓଠର ହସ



ବସନ୍ତ କୁମାର ପ୍ରଧାନ

ଆରେ ଗଳାମାଳି ମୋ
ନେତ୍ର ପିତୁଳୀ
ତୁହି ମୋ ସରଗ ଶଶୀ
ତୋ' ଆଖିରେ ମୁହିଁ ସ୍ୱପ୍ନ ଦେଖୁଥାଏ
ଦୁଃଖ ଭୁଲେ ଦେଲେ ହସି ।

ତୁହି ମୋ ଜୀବନ ମିଠା ଅନୁଭବ
ଚଖାଉ ନିତି ପୀୟୂଷ
ତୁ ପ୍ରେମ ସନ୍ତକ ମୋ ହୃଦ ପଦକ
ତୁ ମୋ' ଓଠର ହସ ।

ଠୁକୁଲୁ ଠୁକୁଲୁ ଚାଲି ସାଥେ ତୋର
ଖିଲି ଖିଲି ମିଠା ହସ
ତୋ' 'ମାଆ ଡାକରେ ପେଟ ପୂରିଯାଏ
ଭୋକରେ ଥିଲେ ଉପାସ ।

ତୋ 'ଅଳି ଅଝଟ ମନକୁ ଉଚାଟ
କରେ ମିଛ ଅଭିନୟ
ଯେତେ ମୋର ବ୍ୟଥା
ହୋଇ ଯାଏ ଦୂର
ଦେଖି ତୋ 'କଅଁଳ ମୁହଁ ।

କ୍ଷଣେ ନ ଦେଖିଲେ ତୋହର ବଦନ
ମନ ମୋ' ହୁଏ ଅଥୟ
ଅସୁସ୍ଥ ରହିଲେ ଉଜାଗର ରହି
ଆଖିରୁ ଝରାଏ ଲୁହ ।

ବଡ଼ ହୋଇ ଆଜି ବହୁତ ଦୂରକୁ
ଚାଲି ଯାଉ ପାଠ ପଢ଼ି
କେତେ ଆଶଙ୍କାରେ
ଆନ୍ଦୋଳିତ ହୋଇ
ଦୁଃଖରେ ଯାଉଛି ସଢ଼ି ।

ଚଳଚ୍ଚିତ୍ର ଦୃଶ୍ୟ ପରି ଗୋଟି ଗୋଟି
ଭାସି ଯାଉଛି ମନରେ
ଶୈଶବର ମିଠା ଅନୁଭବ ସ୍ୱାଦ
ଆଜି ଏକାନ୍ତରେ ଝୁରେ ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

ପ୍ରେମିକାକୁ କେହି...

ଜୟନ୍ତ କୁମାର ମଲ୍ଲିକ୍




ପ୍ରେମିକାକୁ କେହି କଲେ ଅପମାନ
ଛାତି ମୋର ଯାଏ ଫାଟି
ସେ ଲୋକ ସହ ମୁଁ କରିଥାଏ କଳି
ସଂମ୍ପର୍କ ଦିଅଇ କାଟି ।
ତା' ଆଖିରେ ଲୁହ ଦେଖିବା ମାତ୍ରକେ
ମୁଁ ଯେ ଅସ୍ତବ୍ୟସ୍ତ ହୁଏ
ଭାବି ଭାବି ମୁହିଁ ତାହାରି କଥାକୁ
ମନ ଦୁଃଖରେ ତ ଶୁଏ ।
ସବୁବେଳେ ଇଛା ତା' ଅସୁବିଧାରେ
ସାହାଯ୍ୟ କରିବା ଲାଗି
ତା' ପାଖକୁ କିଛି ଦେଲେ ମୁଁ ପଠାଇ
ମୋ ଉପରେ ଯାଏ ରାଗି ।
କାହାରି ଦୟାରେ ବଞ୍ଚିବାକୁ ସିଏ
ପସନ୍ଦ କରଇ ନାହିଁ
ଅଭାବ ଥିଲେବି ମାଗେ ନାହିଁ କାରେ
ଦରମାକୁ ଥାଏ ଚାହିଁ ।
ମନ ଦୁଃଖ ଥିଲେ ମୋତେ ସେ ବୁଝାଇ
ଦେଇଥାଏ ଆଶ୍ୱାସନା
ଖରାପ ଲୋକଙ୍କ ସାଙ୍ଗ ନହେବାକୁ
କରିଥାଏ ସଦା ମନା ।
ସମସ୍ୟା ମୋହର ହରି ନେବା ପାଇଁ
ପ୍ରଭୁଙ୍କୁ ପ୍ରାର୍ଥନା କରେ
ସବୁବେଳେ ମୋର ମଙ୍ଗଳ ମନାସେ
ରହିକି ସେ ନିଜଘରେ ।

+ଶୁରଡିହ, ନନ୍ଦିପୁର,
ଦଶରଥପୁର ଯାଜପୁର
ମୋ:-୯୪୩୭୮୬୫୭୨୭



ପୁଲକିତ



ଧ୍ୱନି ପ୍ରତିଧ୍ୱନି



ସୁବ୍ରତ କୁମାର ଦାସ

ଗୁରୁଙ୍କ ଉପହାର



ରାଜୁ ଜଣେ ଚତୁର ଓ ମେଧାବୀ ପିଲା ଥିଲା। ସେ ପାଠପଢ଼ାରେ ଭଲ ଥିଲେ ମଧ୍ୟ ଟିକେ ଅଳସୁଆ ସ୍ୱଭାବର ଥିଲା। ବିଶେଷ କରି ଗଣିତକୁ ସେ ବହୁତ ଭୟ କରୁଥିଲା। ଦିନେ ଶ୍ରେଣୀରେ ଗଣିତ ଶିକ୍ଷକ ଶ୍ରୀଧର ସାର୍ କହିଲେ,ପିଲାମାନେ, ଯେଉଁ ବିଷୟକୁ କଷ୍ଟକର ଭାବୁଛ, ତାକୁ ଆଦୌ ଭୟ କରନାହିଁ। ଚେଷ୍ଟା କଲେ ସମସ୍ତ କଷ୍ଟ ବି ସହଜ ହୋଇଯାଏ। ରାଜୁ ମନେ ମନେ ଭାବିଲା, ସାର୍ କହୁଛନ୍ତି ଠିକ୍। ମୁଁ ଆଉ ଗଣିତକୁ ଭୟ କରିବି ନାହିଁ। ସେହି ଦିନଠାରୁ ରାଜୁ ପ୍ରତିଦିନ ଅଳ୍ପ ଅଳ୍ପ କରି ଗଣିତ ଅଭ୍ୟାସ କରିବାକୁ ଲାଗିଲା। ଯେଉଁଠି ଗଣିତ ଆସୁ ନଥିଲା ବା କଷ୍ଟ ହେଉଥିଲା ସେ ସଂଗେସଂଗେ ସାରଙ୍କୁ ପଚାରୁଥିଲା। ଶ୍ରୀଧର ସାର୍ ମଧ୍ୟ ଧୈର୍ଯ୍ୟର ସହ ତାକୁ ବୁଝାଇ ଦେଉଥିଲେ।

କିଛି ଦିନ ପରେ ପରୀକ୍ଷା ହେଲା। ଫଳ ପ୍ରକାଶ ପାଇବା ଦିନ ରାଜୁ ଆଶ୍ଚର୍ଯ୍ୟ ହୋଇଗଲା। କାରଣ, ଗଣିତରେ ସେ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିଲା ! ରାଜୁ ଖୁସିରେ ସାରଙ୍କ ପାଖକୁ ଦୌଡ଼ିଗଲା। କହିଲା, ସାର, ଆଜି ଏ ସଫଳତା ଆପଣଙ୍କ ପାଇଁ ମୁଁ ହାସଲ କରିଛି । ସାର୍ ହସି କହିଲେ, ନା ରାଜୁ- ଏହା ତୁମ ପରିଶ୍ରମର ଫଳ। ମୁଁ କେବଳ ତୁମକୁ ରାସ୍ତା ଦେଖାଇଛି। କିଛି ଦିନ ପରେ ଆସିଲା ଗୁରୁଦିବସ। ସମସ୍ତ ପିଲା ନିଜ ନିଜ ଗୁରୁଙ୍କ ପାଇଁ ଫୁଲ ଓ ଉପହାର ଆଣିଥିଲେ। ରାଜୁ କିନ୍ତୁ ଖାଲି ହାତରେ ଆସିଥିଲା। ସାର୍ ପଚାରିଲେ,


ରାଜୁ, ଆଜି ତୁମେ କିଛି ଆଣିନାହଁ? ରାଜୁ ହସି କହିଲା,ସାର, ଆପଣ ମୋତେ ଯେଉଁ ଉପହାର ଦେଇଛନ୍ତି, ତା'ଠାରୁ ବଡ଼ ଉପହାର ମୁଁ ଆପଣଙ୍କୁ କ'ଣ ଦେବି ? ସାର୍ ଆଶ୍ଚର୍ଯ୍ୟରେ ପଚାରିଲେ - କ'ଣ ଉପହାର ଦେଇଛି ? ରାଜୁ କହିଲା, ସାର ଆପଣ ମୋତେ କେବଳ ଗଣିତ ଶିଖାଇ ନାହାନ୍ତି। ଆପଣ ମୋତେ ଚେଷ୍ଟା କରିବା, ହାର ନ ମାନିବା ଓ ନିଜ ଉପରେ ବିଶ୍ୱାସ ରଖିବା ଶିଖାଇଛନ୍ତି। ଏହି ଶିକ୍ଷା ସାରା ଜୀବନ ମୋ ସାଙ୍ଗରେ ରହିବ। ସାରଙ୍କ ଆଖିରେ ଖୁସିର ଲୁହ ଆସିଗଲା। ସେ ରାଜୁକୁ ନିଜ ଛାତିରେ ଜାବୁଡ଼ି ଧରି କହିଲେ, ରାଜୁ, ଆଜି ତୁମେ ମୋତେ ସବୁଠାରୁ ବଡ଼ ଗୁରୁଦକ୍ଷିଣା ଦେଲ। ସେଦିନ ରାଜୁ ବୁଝିଗଲା—ଗୁରୁଙ୍କ ପାଇଁ ସବୁଠାରୁ ବଡ଼ ଉପହାର ହେଉଛି ଶିଷ୍ୟର ସଫଳତା ଓ ଭଲ ମଣିଷ ହେବା। ଗୁରୁ ଆମକୁ କେବଳ ପାଠ ପଢ଼ାନ୍ତି ନାହିଁ; ସେମାନେ ଆମ ଜୀବନର ସଠିକ୍ ରାସ୍ତା ଦେଖାନ୍ତି।

+ ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

ବିଜ୍ଞାନ ଗବାକ୍ଷ-୨୨ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

ରସାୟନ ଶାସ୍ତ୍ରରେ ଦର୍ପଣ ପ୍ରତିବିମ୍ବ





ଅନେକ ବର୍ଷ ତଳର କଥା। ସେତେବେଳେ ମୁଁ ରେଭେନ୍ସା କଲେଜରେ ଆଇ.ଏସ୍,ସି ପଢୁଥାଏ। ମୋର ଜଣେ ଘନିଷ୍ଠ ବଂଧୁ ଥିଲେ- ଶ୍ରୀ ଶତ୍ରୁଘ୍ନ ଦାଶ। ତାଙ୍କର ଲକ୍ଷ୍ୟ ଥିଲା ଡାକ୍ତର ହେବାକୁ। ମୋର କଲେକ୍ଟର। ଆଇ.ଏସ.ସି ପରେ ବଂଧୁ ଡାକ୍ତରୀ ପଢ଼ିବାକୁ ବୁର୍ଲା ଗଲେ। ମୁଁ ରେଭେନ୍ସା କଲେଜରେ ପଦାର୍ଥ ବିଜ୍ଞାନରେ ଅନର୍ସ ନେଇ ବି.ଏସ.ସି କଲି। ଦୁଇବର୍ଷ ସାଂଗ ହୋଇ ପୂର୍ବ ଛାତ୍ରାବାସରେ ରହିବା ସମୟରେ ଆମ ବଂଧୁତା ବେଶ୍ ଦୃଢ଼ ହୋଇ ଯାଇଥିଲା। ତେଣୁ ପରସ୍ପରକୁ ବିଦାୟ ନେଲାବେଳେ ବେଶ୍ କଷ୍ଟ ଲାଗିଥିଲା। ମୋ ସାଂଗ ମୋତେ ସାନ୍ତ୍ୱନା ଦେବାକୁ କହିଥିଲା - ଆମେ ପରସ୍ପରର ଦର୍ପଣ ପ୍ରତିବିମ୍ବ। ତେଣୁ ତୁମେ ଯେତେବେଳେ ମୋତେ ଦେଖିବାକୁ ଚାହିଁବ, ସେତେବେଳେ ଦର୍ପଣ ଆଗରେ ଛିଡ଼ା ହୋଇଯିବ, ମୋତେ ଦେଖିପାରିବ।

ଆଦ୍ୟ ଯୌବନର ସେ କୋମଳ ମୁହୂର୍ତ୍ତର କଥା ମନେ ପଡ଼ିଲେ ଏବେ ହସ ଲାଗେ। ସେ ହେଲେ ଡାକ୍ତର ଓ ମୁଁ ବୈଜ୍ଞାନିକ। କିନ୍ତୁ ସେ କହିଥିବା ଦୁଇଟି ଶବ୍ଦ- "ଦର୍ପଣ ପ୍ରତିବିମ୍ବ" "ମିରର ଇମେଜ୍" କଥା ଏବେ ବି ମନେ ଅଛି।

ଏବେ ଏବେ ରସାୟନ ବିଜ୍ଞାନ ବା ରସାୟନ ଶାସ୍ତ୍ରରେ ଏଇ ଦୁଇଟି ଶବ୍ଦ "ଦର୍ପଣ ପ୍ରତିବିମ୍ବ" ବା "ମିରର ଇମେଜ" ବେଶ୍ ଚର୍ଚ୍ଚାରେ। ଦର୍ପଣ ପ୍ରତିବିମ୍ବ ଅଣୁ ଉପରେ କାମ କରିଥିବା ଦୁଇଜଣ ବୈଜ୍ଞାନିକ ୨୦୨୬ ମସିହା ଲାଗି ନୋବେଲ ପୁରସ୍କାର ପାଇଛନ୍ତି ଯାହା ଦୁଇ ବୈଜ୍ଞାନିକଙ୍କୁ ଅମାପ ଖୁସି ଦେଇଛି। ସତ କହିଲେ ତାଙ୍କ କାମ ବେଶ୍ ଆଗରୁ ଏ ସମ୍ମାନ ପାଇବା କଥା। ଯାହା-ହେଉ, ବିଳମ୍ବରେ ହେଉ ପଛେ, ସେମାନେ ତାଙ୍କ ଯୁଗାନ୍ତକାରୀ କାମ ଲାଗି ଉପଯୁକ୍ତ ସମ୍ମାନ ପାଇଛନ୍ତି କାରଣ ପୃଥିବୀରେ ନୋବେଲ ପୁରସ୍କାର ପୁରସ୍କାର ମଧ୍ୟରେ ତାର ଶ୍ରେଷ୍ଠତା ବଜାୟ ରଖିଛି।

ରସାୟନ ଶାସ୍ତ୍ରରେ ଏ ବର୍ଷର ନୋବେଲ ପୁରସ୍କାର ପାଇଥିବା ବୈଜ୍ଞାନିକମାନେ ହେଲେ: ଫ୍ରାନ୍ସର ବୈଜ୍ଞାନିକ ହେନ୍‌ରୀ କାଗାନ୍ ଓ ଜାପାନର ବୈଜ୍ଞାନିକ କେନସୋ ସୋଆଇ। ୭୬ ବର୍ଷୀୟ ସୋଆଇ ଓ ୯୫ ବର୍ଷୀୟ କାଗାନଙ୍କ ଆବିଷ୍କାର ଭେଷଜ ବିଜ୍ଞାନ ବିଶେଷକରି ଔଷଧ ପ୍ରସ୍ତୁତି ପ୍ରଣାଳୀରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରିଛି।

ତାଙ୍କ ଆବିଷ୍କାରର ବିଶେଷତ୍ୱ ଏକ ଘଟଣାରୁ ସ୍ପଷ୍ଟ। ୧୯୬୦ ଦଶକରେ ଗୋଟେ ଔଷଧ ଥାଲିଡୋମାଇଡର ବ୍ୟବହାର ହଜାର ହଜାର ଶିଶୁଙ୍କ ଭିତରେ କିଛି ନା କିଛି ଜନ୍ମରୁ ଶାରୀରିକ ତ୍ରୁଟି ସୃଷ୍ଟି କରିଥିଲା। ପରେ ଜଣାପଡ଼ିଲା ସେ ଔଷଧରେ ଗୋଟେ କ୍ରିୟାଶୀଳ ଦର୍ପଣ ପ୍ରତିବିମ୍ବ ଅଣୁ କାମ କରୁଛି। ଅଣୁ ଦୁଇଟି ଦେଖିବାକୁ ସମାନ, ମାତ୍ର ତାଙ୍କ କାମ ବିପରୀତ। ସେ ଦୁଇଟି ଅଣୁ ଦର୍ପଣ ପ୍ରତିବିମ୍ବ ଅଣୁ।

ଦର୍ପଣ ପ୍ରତିବିମ୍ବ ଅଣୁର ସୂଚନା ଭେଷଜ ବିଜ୍ଞାନର ଜଣେ ମହାନ ବୈଜ୍ଞାନିକ ଲୁଇ ପାସ୍ଚୁରଙ୍କ କାମରୁ ମିଳିଥିଲା। କାଗାନ୍ ଓ ସୋଆଇ ଏ କଥାର ପ୍ରମାଣ ଦେଲେ ଯେ ଗୋଟିଏ ଅଣୁ ଦୁଇଟି ଅବସ୍ଥା ବା ଗଠନରେ ରୁହନ୍ତି- ବାମ ହାତି ଓ ଡାହଣ ହାତି। ଆଶ୍ଚର୍ଯ୍ୟ କଥା ଏହି ଅଣୁ ତାର ଦୁଇ ଗଠନରେ ସଂପୂର୍ଣ୍ଣ ଭିନ୍ନ ବ୍ୟବହାର ଦେଖାନ୍ତି। ଗୋଟିଏ ଗଠନ ଔଷଧ ପ୍ରଣାଳୀରେ ଠିକ୍ କାମ କରିଲା ବେଳେ ଅନ୍ୟଟି ତାର ବିପରୀତ କାମ କରେ। ତେଣୁ ଔଷଧ ପ୍ରସ୍ତୁତ ପ୍ରଣାଳୀରେ ଅଣୁର ଉପଯୁକ୍ତ ଗଠନର ପ୍ରୟୋଗ ନହେଲେ ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରେ।

ବୈଜ୍ଞାନିକ ହେନ୍‌ରୀ କାଗାନ୍ ଓ କେନ୍‌ସୋ ସୋଆଇଙ୍କ ଆବିଷ୍କାର ନିଶ୍ଚିତ ଭାବରେ ପୃଥିବୀରେ କୋଟିକୋଟି ଲୋକଙ୍କୁ ଭୟଙ୍କର ପରିସ୍ଥିତିରୁ ବଂଚେଇ ଦେଇଛି।

ପୃଥିବୀର ବୈଜ୍ଞାନିକମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଏକନିଷ୍ଠ ସାଧନା ମଣିଷ ଜାତିର ଜ୍ଞାନ ଭଣ୍ଡାରକୁ ସମୃଦ୍ଧ କରିବା ସାଥେ ସାଥେ ମଣିଷଙ୍କୁ ସୁସ୍ଥ, ସୁଖୀ ଓ ସୁରକ୍ଷିତ ରଖିଛି।

(କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮



ସୁନନ୍ଦା ମହାନ୍ତି

କାଳିଗାଈ ଚାନ୍ଦକୁ ପାଇ ଖାଉନ୍ଦ ଆନନ୍ଦ



ଖୁନ୍ଦା ଖୁନ୍ଦି ଘର। ଏକରେ ଫ୍ଲାଟ ଘର ଦୁଇରେ ଥାକଥାକିଆ ଲାଗିଲାଗି। ସେହି ଭିତରୁ ଚାରିଶହ ସାତ ନମ୍ବର ଘରଟି କିଣିଲେ ପଟ୍ଟନାୟକ ବାବୁ। ସବୁ ସୁବିଧା ଭିତରେ ଦୁଇଟି ଅସୁବିଧା ତାଙ୍କୁ ବିରକ୍ତ କରୁଥିଲା। ଡାହାଣ ପଟ ପଡୋଶୀଙ୍କ ଗାଈର ହମା ରଡ଼ିରେ ତାଙ୍କ କୁନି ପୁଅ ଚମକି ଉଠୁଥିଲା। ଠିକ ସେମିତି ବାମ ପଡୋଶୀଙ୍କ କୁକୁର ଭୁକା ଶବ୍ଦ ଏତେ ତୀବ୍ର ଥିଲା ଯେ ପୁଅ ଚମକି ଉଠୁଥିଲା। ଏ ଦୁଇଟି ପ୍ରସଙ୍ଗ ଏତେ ବିରକ୍ତିକର ଥିଲା ଯେ କହିହେଉନଥିଲା କି ସହି ହେଉନଥିଲା। ବହୁ ଭାବିଚିନ୍ତି ପ୍ରଥମେ ବାମ ପଟ ପଡୋଶୀଙ୍କ କୁକୁର ଭୁକିବା ବନ୍ଦ କରିବା ପ୍ରୟାସରେ ପଟ୍ଟନାୟକ ବାବୁ ଯାଇ ପ୍ରଧାନ ବାବୁଙ୍କୁ କହିବାରୁ ସେ ମୁଣ୍ଡପୋତି ଏମିତି ଅସହାୟତାରେ ଠିଆ ହେଲେ ଯେମିତିକି କୁକୁରର ପ୍ରକୃତିଦତ୍ତ ପ୍ରକୃତିକୁ ରୋକିବାକୁ ସେ ଅସମର୍ଥ ବୋଲି କହିବାକୁ ଯାଇ ମଧ୍ୟ କହି ପାରୁନଥିଲେ। ଅଭିଯୋଗ ମଧ୍ୟ ଭିତ୍ତିହୀନ ଥିବା ପରି ଲାଗୁଥିଲା ପଟ୍ଟନାୟକ ବାବୁଙ୍କୁ ତ କିଛି ଦିନ ପରେ ସେ ଆଉ କୁକୁର ଭୁକା ଶବ୍ଦ ଶୁଣିଲେ ନାହିଁ। ଛୋଟ ପୁଅ କିନ୍ତୁ ସେତେବେଳକୁ ଭୋ ଭୋ କହି ଖୋଜୁଥିଲା ସେହି ପରିଚିତ ଭୁକା ଶବ୍ଦକୁ ଯାହା ଆଉ କାହିଁକି ଶୁଭୁନି ବୋଲି ପଚାରିବାକୁ ସାହାସ ମଧ୍ୟ ଯୁଟେଇ ପାରୁନଥିଲେ ପଟ୍ଟନାୟକ ବାବୁ ପଚାରିବାକୁ ପ୍ରଧାନବାବୁଙ୍କୁ। ଏଥର କୁକୁରର ଭୋ ଭୋ ଶବ୍ଦ ବଦଳରେ ହମା ରଡି ପ୍ରତି କୁନି ପୁଅର ଦୃଷ୍ଟି ଆକର୍ଷଣ କରିବାକୁ ପଡୁଥିଲା ପଟ୍ଟନାୟକ ବାବୁଙ୍କ ସ୍ତ୍ରୀଙ୍କୁ। ପଟ୍ଟନାୟକ ବାବୁ ମଧ୍ୟ ଭାବୁଥିଲେ ଖୁନ୍ଦା ଖୁନ୍ଦି ଘର ସବୁ ଥାକ ଥାକ ଲାଗିରହିଥିଲେ ମଧ୍ୟ କେହି କାହା ସମସ୍ୟା ଅନ୍ୟ ଆଗରେ ପ୍ରକାଶ କରିବାକୁ ଅସମର୍ଥ। ପୁଣି ଏତେ ଗହଳି ଭିତରେ ଏ ନିସଙ୍ଗ ମଣିଷର ମଧ୍ୟ କିଛି ଚିହ୍ନା ସ୍ୱର ଦରକାର ଯେମିତିକି ଏବେ ରାସ୍ତାରେ କୁକୁର ଭୁକିଲେ ପଟ୍ଟନାୟକ ବାବୁ ଭାବନ୍ତି ପ୍ରଧାନ ବାବୁଙ୍କ ପୋଷା କୁକୁର ସୁରକ୍ଷିତ ଥାଉ ବରଂ, ତାଙ୍କର ଆଉ ଅଭିଯୋଗ କରିବାର ନାହିଁ।

ଏ ଭିତରେ ଆଉ ଏକ ଅଭାବନୀୟ ଘଟଣା ଭିତରୁ ଡାହାଣ ପଡୋଶୀ ରାଉତବାବୁଙ୍କ ଗାଈର ହମା ରଡି ଆଉ ଶୁଭୁନଥିଲା। କୁନି ପୁଅ ସେଇ ଚିହ୍ନା ହମା ରଡି ଶୁଣିବାକୁ ନପାଇ ଖିଆ ପିଆ କରିବାକୁ ମାଆକୁ ତାର ନାକେଦମ କରିବା ଦେଖି ପଟ୍ଟନାୟକ ବାବୁ ବୁଝିଯାଇଥିଲେ କି ଜୀବଙ୍କ ରଡି ବା ସ୍ୱର ମଧ୍ୟ ଚିହ୍ନା ହୋଇଗଲେ ତାକୁ ତେଜ୍ୟ କରି ରହିବା ଅସମ୍ଭବ ଅଟେ। ହେଲେ ରାଉତ ବାବୁଙ୍କୁ ସାମ୍ନା କରିବା ସାହାସ ନା ଥିଲା ପଟ୍ଟନାୟକ ବାବୁଙ୍କର ନା ପ୍ରଧାନ ବାବୁଙ୍କର। ସେଦିନ ହଠାତ ରାଉତ ବାବୁଙ୍କ ମାଆ ସୁଲୋଚନା ଦେବୀ ପଶିଆସିଥିଲେ ଘରକୁ ଓ ତାଙ୍କ ଗାଈ ଚାନ୍ଦର ଗୁହାଳରେ ରଡ଼ି ବୋହୁକୁ ଭଲ ଲାଗୁନଥିଲା ବୋଲି ପଘା ଫିଟାଇ ଛାଡିଦେଲା ପରେ ମଧ୍ୟ ମଝିରେ ମଝିରେ ଆସୁଥିଲା ସେ । ମଶା କାମୁଡି ଦେହରେ ଘା ଘଉଡ଼ ହେଇଗଲାଣି ବୋଲି ପରିଷ୍କାର କରି ଡେଟଲ ପାଣିରେ ଧୋଇ ବେଟାଡାଇନ ଲଗେଇ ଦେବାରୁ ବୋହୁ ମୋର ମୁଁହଁ ମୋଡ଼ିଲା। ସେ କି ଜାଣେ ରାଉତ ଘର ଚାନ୍ଦ ଯୋଗୁଁ ତା ସ୍ୱାମୀ କ୍ଷୀର, ଘିଅ, ଛେନା, ଦହି ଖାଇ ବଢିଛି ବୋଲି। ସୁଲୋଚନା ଦେବୀ କହି ଚାଲିଥିଲେ ଯେ ମୁଁ ଜାଣେ ଚାନ୍ଦ ରଡ଼ିରେ ତୁମ ପୁଅ ଚମକି ଉଠେ ବୋଲି ପ୍ରଧାନ ବାବୁଙ୍କ କୁକୁର ଟମିକୁ ଛାଡି ସେ ଯେପରି ବାଇଆ ମୁଁ ଚାନ୍ଦ ବିହୁନେ ବାଇଆଣୀ ହୋଇଯାଇଛି। ତୁମେ ଯଦି ଦୟା କରିବ ଚାନ୍ଦ କାଳିଗାଈକୁ ଖୋଜି ପାଇବାରେ ମୁଁ ବଳ ଯୁଟେଇ ପାରିବି। ନିଶ୍ଚୟ ନିଶ୍ଚୟ କହି ପଟ୍ଟନାୟକ ବାବୁ ଉଠିଲେ। ଖାଲି ଚାନ୍ଦ କାହିଁକି ଟମିକୁ ମଧ୍ୟ ଖୋଜି ଖୋଜି ନେଇଆସିଥିଲେ ସମସ୍ତେ। ଯତ୍ନ କଲେ ରତ୍ନ ପାଇବା ପରି ଚାନ୍ଦ ପରି କାଳିଗାଈର କ୍ଷୀର ସାଙ୍ଗକୁ ଟମିର ଚୋର ଜଗିବା ଭୁକା ଶବ୍ଦ ଯୋଗୁଁ ଖୁନ୍ଦା ଖୁନ୍ଦି ଘର ଘରର ଲୋକ ସବୁ ଭଲରେ ଥିଲେ। କୁନି ପୁଅ ମଧ୍ୟ ଟମି ଓ ଚାନ୍ଦର ଭୁକା ଓ ବୋବାଳି ଶୁଣି ଖୁବ ଖୁସିରେ ନାଚୁଥିଲା, ଗାଉଥିଲା ଓ ଖାଇଦେଉଥିଲା ତ ଏଣିକି ସ୍ୱଚକ୍ଷୁରେ ଦୁଇ ଜୀବଙ୍କୁ ଦେଖି ଆଉ ଡରୁ ନଥିଲା।

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଶୀତଋତୁ ଆସିଲା

ମମତା ବଗର୍ତ୍ତୀ




ଆସିଲାରେ ଆସିଲା
ଶୀତ ଋତୁ ଆସିଲା,
ଶୀତର ଲହରୀ କାନେ
ଗୀତ ଗାଇଲା ।
ସୁଇଟର ମଫଲର ଟୋପି
ଜ୍ୟାକେଟ ପିନ୍ଧିବା,
କମ୍ବଳ ଚାଦର ଘୋଡେଇ ହୋଇ ଶୋଇବା।
କାକର ବିନ୍ଦୁ ଗୁଡା ପତ୍ରରେ
ମୁକ୍ତା ପରି ଚମକିବ,
ସତେଜ ପନିପରିବା ସବୁ
ବଜାରରେ ମିଳିବ।
ଗରମ କ୍ଷୀରକୁ ବିସ୍କୁଟ
ପିଲାଙ୍କ ହେବ ପ୍ରିୟ,
ଚା'ର ବଢିବ ଚାହିଦା
ନ ଦେଖି ଆଉ ସମୟ।
ଏଇ ଶୀତରେ ବଣଭୋଜିର
ମଜା ହିଁ ଅଲଗା,
ମନ ଖୋଜିବ ବୁଲିବାକୁ
ଯିବି ଦୂର ଜାଗା ।
ଦୂର୍ଗାପୂଜା ଦୀପାବଳି
ସବୁ ଶୀତ ଦିନିଆ ପର୍ବ,
ଆନନ୍ଦ ଉଲ୍ଲାସେ ପିଲାଙ୍କ
ମନ ନାଚି ଉଠିବ ।
କାର୍ତ୍ତିକ ପୂର୍ଣ୍ଣିମା ସହ
ପୁଣି ମାଣବସା ଗୁରୁବାର,
ଗରମ ଗରମ ଖିରି ପିଠାରେ
ମହକିବ ଘର ।
ସବୁ ଋତୁଠାରୁ ଶୀତଋତୁ
ପିଲାମାନଙ୍କ ପସନ୍ଦ,
ଶୀତର ଆଗମନେ
ନେବେ ଶୀତର ଆନନ୍ଦ ।

+ ବଲାଙ୍ଗୀର

କାଗଜ ନାଆ

ସୁଧାକର ରାଉତ



କାହିଁକି ବା କରୁଛ ଏତେ ଛଳନା
ରାତିର ଆୟୁଷତ ଯାଏ ବଢ଼ି ବଢ଼ି
ତା ଉତ୍ତରୀୟ ରଙ୍ଗ ବି ଧିରେ ଧିରେ
ଯାଏ ଫିକା ପଡି
ବେଶୀ ଆଉ ବେଳ ନାହିଁ
ସେ କଥା କାହିଁକି କରୁନା କଳନା ।
ଜହ୍ନର ଜୋଛନାରେ ତ
ମନରେ ସୃଷ୍ଟି ହୋଇଛି ସେ କ୍ଷତ ।
କଅଁଳ ଶିଶୁଟି ପରି
ଇଚ୍ଛା କରି ବି ପାଏନି ତା ଉପଶମ ।
ଥରେ ମୋତେ ଦିଅନା ଘୋଡେଇ
ତା ରୂପେଲୀ କିରଣ ଯାଉ
ମୋ ଦେହ ଜଡ଼ାଇ ।
ମାଗିଥିଲି ତୁମକୁ
ଅନାବିଳ ସମୀର ଆଞ୍ଜୁଳାଏ
ବିଶ୍ୱାସ ଚେନାଏ
ସୁଖ ଚିରୁଡ଼ାଏ ।
ଜୀବନ୍ୟାସ ପାଇଁ
ଖାସ୍ ମୋ ପ୍ରାଣ ସଉର ।
ସୁଖ ନହେଲେ ନାହିଁ
ସବୁ ଦୁଃଖକୁ କରିବାକୁ ଆପଣାର ।
କାଗଜ ନାଆର ଜୀବନରେ
ନାହିଁ ଆଉ ପ୍ରୟୋଜନ ଏ ସବୁର ।
ସତେ କି ଭୀଷଣ ପରିଣାମ
ଏ ଲଗାଣ ବର୍ଷାର !

+ ପ୍ରତାପ ନଗରୀ, କଟକ
ମୋ:୮୨୪୯୩୨୭୯୨

ସପନ କରିବି ସତ

ନଗେନ୍ଦ୍ରନାଥ ପଟ୍ଟନାୟକ



ଦିଅ ମା' ମତେ ତିରଙ୍ଗା ପତାକା
ଉଡ଼େଇବି ଫରଫର
ଭାରତମାତାର ଗରିମା, ଗରବ
ବଢ଼ାଇବି ନିରନ୍ତର ।

ବାଛି ସତ୍‌ପଥ ବରଜି କୁପଥ
ରଖିବି ଦେଶର ଟେକ
ଶ୍ରମ-ସାହସରେ କାମ କରୁଥିବି
ସାଜି କୁନି ସଇନିକ ।

ପଢାଲେଖା ଶିଖି ବୀର ଯୋଦ୍ଧା ବନି
ସପନ କରିବି ସତ
ମା' ତୋର ଏଇ ଧରଣୀ କୋଳରେ
ସଜା ଲଢୁଆ ସୁତ ।

ସୁନୀଳ, ଅନନ୍ତ ଆକାଶ ଛାତିରେ
ଉଡ଼ିବ ତିରଙ୍ଗା ଯେବେ
ଭାରତବାସୀଙ୍କ ମନରେ ଜାଗିବ
ଦେଶଭକ୍ତି ଭାବ ସେବେ ।

ଫିରିଙ୍ଗି କବଳୁ ଦେଶ ସିନା ମୁକ୍ତ
ହାତରେ ଶାସନ ଡ଼ୋରି
ଆଗେଇ ନେବିଟି ଡ଼ିଜିଟାଳ ଭାରତ
ସଠିକ୍ ମାର୍ଗକୁ ଧରି ।

ଦେଶହିତ କାମେ ଲଗାଇବି ମୁଇଁ
ଇଂଟରନେଟ୍‌କୁ ବାଗେ
ଦେବିନିଟି କେବେ ଖରାପ ଖବର
ପ୍ରସାର ହେବାକୁ ଆଗେ ।

+ ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ୍,
ଭୁବନେଶ୍ୱର,
ମୋ:୯୪୩୮୩୩୨୧୩୮

ଲଖନପୁରରେ ମୋବାଇଲ୍ ନେଟୱର୍କ ସମସ୍ୟା: ହନ୍ତସନ୍ତ ଉପଭୋକ୍ତା

ଝାରସୁଗୁଡ଼ା,୩୦/୧୦ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ବିଭିନ୍ନ ଅଂଚଳରେ ମୋବାଇଲ୍ ନେଟୱର୍କ ସେବାରେ ବାରମ୍ବାର ବାଧା ସୃଷ୍ଟି ହେଉଥିବାରୁ ଉପଭୋକ୍ତାମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଏୟାରଟେଲ୍ ଓ ଜିଓ ନେଟୱର୍କରେ ଦୀର୍ଘ ମାସ ଧରି ଦେଖାଦେଇଥିବା ସମସ୍ୟା ଯୋଗୁଁ କଲ୍ କରିବାଠାରୁ ଆରମ୍ଭ କରି ଇଂଟରନେଟ୍ ବ୍ୟବହାର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଲୋକେ ଅସୁବିଧା ଭୋଗୁଛନ୍ତି।

ବର୍ତମାନର ଡିଜିଟାଲ୍ ଯୁଗରେ ମୋବାଇଲ୍ ନେଟୱର୍କ କେବଳ ଯୋଗାଯୋଗର ମାଧମ ନୁହେଁ, ବରଂ ଶିକ୍ଷା, ବ୍ୟାଙ୍କିଂ, ୟୁପିଆଇ ପେମେଂଟ, ଅନଲାଇନ୍ କାରବାର ଓ ସରକାରୀ ଯୋଜନାରେ ଆବେଦନ ଭଳି ଅତ୍ୟାବଶ୍ୟକ କାର୍ଯ୍ୟର ଏକ ପ୍ରମୁଖ ଆଧାର ପାଲଟିଛି। ଏପରି ସ୍ଥିତିରେ ଦୁର୍ବଳ ସିଗ୍ନାଲ୍, ବାରମ୍ବାର କଲ୍ କଟିଯିବା ଏବଂ ଇଂଟରନେଟ୍ ର ମନ୍ଥର ଗତି ଯୋଗୁଁ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜରୁରୀ ସମୟରେ ମଧ ଠିକ୍ ଭାବେ ଯୋଗାଯୋଗ କରିବା ସମ୍ଭବ ହେଉନଥିବାରୁ ଉପଭୋକ୍ତାଙ୍କ ମଧରେ ଅସନ୍ତୋଷ ବଢୁଛି।

ମୋବାଇଲ୍ ନେଟୱର୍କ ଆଜିର ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବା ବେଳେ ଏଭଳି ସେବା ବିଭ୍ରାଟ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ଲଖନପୁର ବ୍ଲକର ବିଭିନ୍ନ ଅଂଚଳରେ ନେଟୱର୍କ ସ୍ଥିତିର ଯାଂଚ୍ କରିବା ସହ ଆବଶ୍ୟକ ବୈଷୟିକ ପଦକ୍ଷେପ ଗ୍ରହଣ କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି। ଏୟାରଟେଲ୍ ଓ ଜିଓ କମ୍ପାନୀ କର୍ତୃପକ୍ଷ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ନେଟୱର୍କ କଭରେଜ୍ ଓ ସେବାର ଗୁଣବତା ବୃଦ୍ଧି ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। କେବଳ ସାମୟିକ ମରାମତି ନୁହେଁ, ବରଂ ଦୀର୍ଘଦିନର ଏହି ସମସ୍ୟାର ସ୍ଥାୟୀ ସମାଧାନ କରି ଲଖନପୁର ବ୍ଲକବାସୀଙ୍କୁ ନିରବଚ୍ଛିନ୍ନ ଓ ଉନ୍ନତ ମୋବାଇଲ୍ ସେବା ଯୋଗାଇଦେବାକୁ ସାଧାରଣରେ ଦାବି ଜୋର୍ ଧରିଛି।

ସତ୍ୟବାଦୀ ବରାଳ ବାଲୁଙ୍କେଶ୍ୱର ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି : ଯୁବକ ଗିରଫ

ପୁରୀ,୩୦/୧୦ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବରାଳ ବାଲୁଙ୍କେଶ୍ୱର ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସତ୍ୟବାଦୀ ପୋଲିସ ପ୍ରେସ ବିଜ୍ଞପ୍ତିରେ ଜଣାଇଛି ଯେ, ୨୭ ତାରିଖ ରାତି ପ୍ରାୟ ୧ଟା ସମୟରେ ବରାଳ ଗ୍ରାମର ମଣ୍ଟୁ ମହାପାତ୍ର(୩୦) ହାତରେ ଏକ ହାତୁଡ଼ି ଧରି ମନ୍ଦିର ନିକଟରେ ବୁଲାବୁଲି କରୁଥିଲା ଓ ଚୋରି କରିଥିବା ଗ୍ରାମବାସୀମାନେ ସନ୍ଦେହ କରିଥିଲେ । ପୋଲିସ ଏହି ସୁରାକ ପାଇ ତାକୁ ପଚରା ଉଚରା କରିବାରୁ ସତ ଘଟଣା ଜଣାପଡିଥିଲା । ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ କେସ୍ ନଂ ୪୨୦/ ୨୬ ରେ ମାମଲା ରୁଜୁ ହୋଇ ମଂଟୁକୁ ପୋଲିସ ଗିରଫ କରିଥିଲା ।୨୭ ତାରିଖ ରାତିରେ ଚୋରି ପରେ ୨୮ ତାରିଖ ସକାଳୁ ବରାଳ ବାଲୁଙ୍କେଶ୍ୱର ମନ୍ଦିର, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଛାନଭିନ କରିଥିଲା । ତଦନ୍ତକାରୀ ଅଫିସର ଭାବେ ମହେଶ୍ୱର ଦାସ, ଏ.ଏସ୍.ଆଇ. ରହିଛନ୍ତି । ମଂଟୁ ଜଗମୋହନ ମନ୍ଦିରର ତାଲା ଭାଙ୍ଗି ମୁଖ୍ୟ ହୁଣ୍ଡି ଏବଂ ପାଖରେ ଥିବା ଛୋଟ ହୁଣ୍ଡିର ତାଲା ଭାଙ୍ଗି ସମସ୍ତ ଟଙ୍କା ଓ ହୁଣ୍ଡି ଚୋରି କରି ନେଇଯାଇଥିଲା । ଏହା ସହିତ ଦେବୀଙ୍କ ମନ୍ଦିରର ତାଲା ମଧ ଭାଙ୍ଗି ଦେଇଥିଲା ।

ପାଟଣା ବ୍ଲକ ପାଇଁ ଗୌରବ : ଇଟାଲୀର ମେସିନା ବିଶ୍ୱ ବିଦ୍ୟାଳୟରେ ଡାକ୍ତରୀ ପଢ଼ିବେ ମଲ୍ଲିପଶିର ସିଦ୍ଧାର୍ଥ ସାରଥୀ ବେଜ୍

କେନ୍ଦୁଝର,୩୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶି ଗ୍ରାମ ପାଇଁ ଆଣିଛନ୍ତି ଗୌରବ। ଆନ୍ତର୍ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ଆଇ ଏମ ଏ ଟି -୨୦୨୬)ରେ ସଫଳତା ହାସଲ କରି ଇଟାଲୀର ଐତିହାସିକ ମେସିନା ବିଶ୍ୱବିଦ୍ୟାଳୟରେ ଡାକ୍ତରୀ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଛନ୍ତି ପି.ଡି. ସିଦ୍ଧାର୍ଥ ସାରଥୀ ବେଜ୍। ତାଙ୍କର ଏହି ସଫଳତାରେ ପାଟଣା ବ୍ଲକ ସମେତ ସମଗ୍ର କେନ୍ଦୁଝର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସିଦ୍ଧାର୍ଥ ମଲ୍ଲିପଶି ଗ୍ରାମର ଶିକ୍ଷକ ପାର୍ଥସାରଥୀ ବେଜ୍ ଓ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେଜ୍‌ଙ୍କ ସୁପୁତ୍ର। ସେ ଆନ୍ତର୍ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ଆଇ ଏମ ଏ ଟି -୨୦୨୬ରେ କୃତିତ୍ୱ ଅର୍ଜନ କରିବା ସହ ସ୍କଲାରସିପ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହାଦ୍ୱାରା ତାଙ୍କର ବିଦେଶରେ ଡାକ୍ତରୀ ଶିକ୍ଷା ଗ୍ରହଣ କରିବାର ସ୍ୱପ୍ନ ସାକାର ହେବାକୁ ଯାଉଛି। ଇଟାଲୀର ପ୍ରସିଦ୍ଧ ମେସିନା ବିଶ୍ୱବିଦ୍ୟାଳୟ ଯାହା ୧୫୪୮ ମସିହାରେ ପ୍ରତିଷ୍ଠିତ, ସେଠାରେ ତାଙ୍କର ଡାକ୍ତରୀ ପାଠପଢ଼ା ପାଇଁ ନାମଲେଖା ପ୍ରକ୍ରିୟା ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପଠାଯାଇଥିବା ଇ-ମେଲରେ ତାଙ୍କର ନାମଲେଖା ସମ୍ପର୍କିତ ସୂଚନା ମିଳିଥିବା ପରିବାର ପକ୍ଷରୁ କୁହାଯାଇଛି। ସିଦ୍ଧାର୍ଥଙ୍କ ଏହି ଆନ୍ତର୍ଜାତୀୟ ସଫଳତା ମଲ୍ଲିପଶି ଗ୍ରାମ ସହ ପାଟଣା ବ୍ଲକ ଓ କେନ୍ଦୁଝର ଜିଲ୍ଲାର ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟକ ହୋଇଛି। ଅଧ୍ୟବସାୟ, ନିଷ୍ଠା ଓ ଲକ୍ଷ୍ୟ ପ୍ରତି ସମର୍ପଣ ମାଧମରେ ଆନ୍ତର୍ଜାତୀୟ ସ୍ତରରେ ମଧ ସଫଳତା ହାସଲ କରାଯାଇପାରିବ ବୋଲି ତାଙ୍କର ଏହି ସଫଳତା ପ୍ରମାଣିତ କରିଛି। ଭବିଷ୍ୟତରେ ଜଣେ ଦକ୍ଷ ଡାକ୍ତର ହୋଇ ଦୁଃଖୀ ଓ ଅସହାୟ ରୋଗୀଙ୍କ ସେବା କରିବା ସହ କେନ୍ଦୁଝର, ଓଡ଼ିଶା ଏବଂ ଭାରତର ସୁନାମ ଆନ୍ତର୍ଜାତୀୟ ସ୍ତରରେ ବୃଦ୍ଧି କରନ୍ତୁ ବୋଲି ପରିବାରବର୍ଗ ଓ ଶୁଭେଚ୍ଛୁମାନେ କାମନା କରିଛନ୍ତି। ଏଥିସହ ଜଗତଜନନୀ ମା' ତାରିଣୀ ଓ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଛନ୍ତି। ସିଦ୍ଧାର୍ଥଙ୍କ ଏହି ସଫଳତା ପାଟଣା ବ୍ଲକ ତଥା କେନ୍ଦୁଝର ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ପାଲଟିଛି।

କଫ୍ ସିରପ୍ ନିଶାରେ ଯୁବପିଢ଼ି: ଚିନ୍ତାରେ ଅଭିଭାବକ

ଝାରସୁଗୁଡା,୩୦/୧୦ (ନି.ପ୍ର): ଗଞ୍ଜେଇ ଓ ବ୍ରାଉନ୍ ସୁଗାର ପରେ ଏବେ କଫ୍ ସିରପ୍ ନିଶାର କବଳରେ ଯୁବପିଢ଼ି। କାଶ ଉପଶମ ପାଇଁ ବ୍ୟବହୃତ ଔଷଧ ଏବେ କେତେକ ଯୁବକଙ୍କ ପାଇଁ ନିଶାର ମାଧମ ପାଲଟିଥିବା ଅଭିଯୋଗ ହୋଇଛି। ବିଶେଷକରି କୋଡିନଯୁକ୍ତ କଫ୍ ସିରପ୍ ର ବେଆଇନ କାରବାର ଯୁବସମାଜ ପାଇଁ ଚିନ୍ତାର କାରଣ ହୋଇଛି। ପଶ୍ଚିମ ଓଡ଼ିଶାରେ ଏହି ବେଆଇନ କାରବାର ବଢୁଥିବା ଅଭିଯୋଗ ମଧରେ କୋଲାବିରା ଓ ଏହାର ଆଖପାଖ ଅଂଚଳ ମଧ ଏଥିରୁ ବାଦ୍ ପଡ଼ିନାହିଁ।ବିଭିନ୍ନ ସମୟରେ ବିପୁଳ ପରିମାଣର ବେଆଇନ କଫ୍ ସିରପ୍ ଜବତ ହେଉଥିଲେ ମଧ ଏହାର ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁନାହିଁ। ଚଢ଼ଉ ଓ ଗିରଫଦାରୀ ସତ୍ୱେ ଏହି କାରବାର ଜାରି ରହିବା ନିଶା ନିୟନ୍ତ୍ରଣ ବ୍ୟବସ୍ଥାର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଦୀର୍ଘ ବର୍ଷ ଧରି ଏହି ନିଶାର ପ୍ରଭାବରେ ଯୁବପିଢ଼ିଙ୍କ ଭବିଷ୍ୟତ ବିପନ୍ନ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସାଧାରଣତଃ କାଶ ଓ ଥଣ୍ଡାଜନିତ ସମସ୍ୟାର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କଫ୍ ସିରପ୍ ସେବନ କରାଯାଇଥାଏ। କିନ୍ତୁ, ଏଥିରେ ଥିବା କୋଡିନ୍ ଭଳି ଉପାଦାନଯୁକ୍ତ ଔଷଧକୁ ନିର୍ଦ୍ଧାରିତ ମାତ୍ରାଠାରୁ ଅଧିକ ସେବନ କଲେ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଓ ନିଶାସକ୍ତ ହେବାର କାରଣ ହୋଇପାରେ। ମଦ୍ୟପାନର ବିକଳ୍ପ ଭାବେ କେତେକ ବ୍ୟକ୍ତି ଏହି ଔଷଧର ଅପବ୍ୟବହାର କରୁଥିବା ଅଭିଯୋଗ ରହିଛି। ସହଜରେ ମିଳିବା ଓ ତୁଳନାତ୍ମକ ଭାବେ କମ୍ ମୂଲ୍ୟରେ ଉପଲବ୍ଧ ହେବା ଏହି ପ୍ରବୃତିକୁ ଆହୁରି ବଢ଼ାଉଥିବା କୁହାଯାଉଛି।

ଅନ୍ୟପକ୍ଷରେ, କେତେକ ନାମୀ ଔଷଧ କମ୍ପାନୀର କଫ୍ ସିରପ୍ ବେଆଇନ ଭାବେ ପରିବହନ ଓ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏହି ମାମଲାରେ ବିଭିନ୍ନ ସମୟରେ ଗିରଫଦାରୀ ହେଉଥିଲେ ମଧ ବେଆଇନ କାରବାର ସହ ସମ୍ପୃକ୍ତ ଆର୍ଥିକ ନେଟୱର୍କ ଓ ଯୋଗାଣ ଶୃଙ୍ଖଳ ଉପରେ ଅଧିକ ତଦନ୍ତର ଆବଶ୍ୟକତା ରହିଛି। ସମ୍ପୃକ୍ତଙ୍କ ବ୍ୟାଙ୍କ ଖାତା ଓ ଆର୍ଥିକ କାରବାରର ଯାଂଚ୍ ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଗଲେ ଏହି ଚୋରା ବ୍ୟବସାୟର ମୂଳୋତ୍ପାଟନ ସମ୍ଭବ ହୋଇପାରିବ।କଫ୍ ସିରପ୍ ର ଅବାଧ ବିକ୍ରି ରୋକିବା ପାଇଁ ଔଷଧ ଦୋକାନଗୁଡ଼ିକରେ ନିୟମିତ ଯାଂଚ୍, ଔଷଧର ଷ୍ଟକ୍ ଓ ବିକ୍ରି ରେକର୍ଡ ଯାଂଚ୍ ଏବଂ ସନ୍ଦେହଜନକ ଯୋଗାଣ ଉପରେ ନଜର ରଖିବା ଜରୁରି। ଏଥିସହ ନିଶାଦ୍ରବ୍ୟର ଅପବ୍ୟବହାର ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରିବା ସହ ନିଶାସକ୍ତ ଯୁବକଙ୍କୁ ଚିକିତ୍ସା ଓ ପରାମର୍ଶ ଯୋଗାଇଦେବା ଉପରେ ମଧ ଗୁରୁତ୍ୱ ଦେବା ଆବଶ୍ୟକ। ସୂଚନା ଅନୁଯାୟୀ, ହିମାଚଳ ପ୍ରଦେଶ, ସିକ୍କିମ୍ ଓ ଉତରାଖଣ୍ଡ ଭଳି ରାଜ୍ୟରେ କେତେକ କଫ୍ ସିରପ୍ ପ୍ରସ୍ତୁତ ହେଉଥିବା ବେଳେ ସେଠାରୁ ଉତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଦେଇ ଚୋରା ଚାଲାଣ ହେଉଥିବା ଅଭିଯୋଗ ରହିଛି। କଲକାତା ଓ ରାୟପୁର ମାର୍ଗରେ ଏହା ଓଡ଼ିଶାକୁ ପ୍ରବେଶ କରୁଥିବା କୁହାଯାଉଛି। ତେବେ ଏହି ଚୋରା ଚାଲାଣ ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଆନ୍ତଃରାଜ୍ୟ ସମନ୍ୱୟ, ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ନିୟମିତ ତଦାରଖ ଅତ୍ୟନ୍ତ ଜରୁରି।କଫ୍ ସିରପ୍ ଭଳି ଔଷଧର ଅପବ୍ୟବହାର ଯୁବସମାଜର ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ଜୀବନକୁ ପ୍ରଭାବିତ କରିବା ପୂର୍ବରୁ ପ୍ରଶାସନ, ଔଷଧ ନିୟନ୍ତ୍ରଣ ବିଭାଗ, ପୁଲିସ ଓ ସମାଜର ସମସ୍ତ ବର୍ଗ ମିଳିତ ଭାବେ ପଦକ୍ଷେପ ନେବା ଆବଶ୍ୟକ। କେବଳ ଜବତ ଓ ଗିରଫଦାରୀରେ ସୀମିତ ନ ରହି ଏହି ବେଆଇନ କାରବାରର ମୂଳ ଉତ୍ସକୁ ଠାବ କରିବା ସହ ଯୁବପିଢ଼ିଙ୍କୁ ନିଶା କବଳରୁ ମୁକ୍ତ କରିବା ଏବେ ସମୟର ଆହ୍ୱାନ।

କୋଲାବିରାରେ ଜେଏମଏଫସି କୋର୍ଟ ଉଦ୍‌ଘାଟିତ

ଝାରସୁଗୁଡା,୩୦/୧୦ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ସଦରମହକୁମାରେ ସିଭିଲ ଜୁନିୟର ଡିଭିଜନ ତଥା ଜେଏମଏଫସି କୋର୍ଟ ଗୁରୁବାର ଉଦଘାଟିତ ହୋଇଯାଇଛି । ଏବେ କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ କୋର୍ଟ ଆରମ୍ଭ କରାଯାଇଛି । କଟକସ୍ଥିତ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଭିଡିଓ କନଫରେନ୍ସ ମାଧମରେ ଏହାକୁ ଉଦଘାଟନ କରିଥିଲେ କ୍ଷ ବ୍ଲକ ସ୍ତରରେ ନ୍ୟାୟାଳୟ ଖୋଲିବା ଦ୍ୱାରା କେସ ଗୁଡିକର ସମାଧାନ ଶୀଘ୍ର ହେବା ସହ ଜନସାଧାରଣ ସୁବିଧାରେ ନ୍ୟାୟ ପାଇପାରିବେ ମୁଖ୍ୟବିଚାରପତି ବର୍ଣ୍ଣନା କରିଥିଲେ । ସେଠାରେ ମୁଖ୍ୟ ବିଚାରପତିଙ୍କ ସହ ପ୍ରଶାସନିକ ବିଚାରପତି ଏମ.ଏସ. ରମନ ମଧ ଉପସ୍ଥିତ ଥିଲେ । ଏହାସହ କୋଲାବିରାରେ ନୂତନ କୋର୍ଟ ଉଦ୍ଘାଟନୀ ଉତ୍ସବରେ ଜିଲ୍ଲା ଜଜ ପ୍ରଶାନ୍ତ କୁମାର ନାଏକ, ରେଜିଷ୍ଟ୍ରାର ସ୍ୱର୍ଣ୍ଣଲତା ନାଏକ, ଡିଲଏସଏ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆଲୋକମୟୀ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ଜି.ଆର. ରାଘବେନ୍ଦ୍ର, ଏସଡିପିଓ ଉମାଶଙ୍କର ସିଂ, ତହସିଲଦାର ମନୋଜ କୁଜୁର, ବ୍ଲକ ଅଧକ୍ଷ ଭୋଜରାଜ ପଟେଲ, ଜିଲ୍ଲାପରିଷଦ ସଭ୍ୟ ନୃପଲାଲ ପଶାୟତ, ଏପିପି ବିମଳ ଶର୍ମା, ଏପିପି ଆଶିଷ କୁମାର ସାହୁ, ଆଇନଜୀବୀ ଧିରେନ ଶତପଥୀ, ଶକ୍ତିଭୂଷଣ ସେଠୀ, ଖଗେଶ୍ୱର ଛଛାନ, ଲକ୍ଷ୍ମୀ ନାରାୟଣ ବାଗ, ମନୋଜ କାଲୋ, ଅଶ୍ୱିନୀ ପ୍ରଧାନ, ପ୍ରକାଶ ହୋତା, ପରମେଶ୍ୱର ନାଏକ, ସଞ୍ଜୀବ ସାହୁ, ଯୁଗଳ ପଟେଲ, ଧିରେନ ନାଏକ, ମଂଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଉତ୍ସବ ପରେ ପ୍ରଥମ ଦିନ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା । ନବ ନିଯୁକ୍ତ ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ଜେଏମଏଫସି ଦେବାଶିଷ ମିଶ୍ର ପ୍ରଥମ ଦିନରେ ୩ଟି ଅବକାରୀ ମାମଲାର ସାକ୍ଷ୍ୟ ଗ୍ରହଣ କରିଥିଲେ । ଏପିପି ଆଶିଷ କୁମାର ସାହୁ ନୂଆ କୋର୍ଟର ପ୍ରଥମ କେସ ରେ ଜଣେ ଗୃହରକ୍ଷୀଙ୍କ ସାକ୍ଷ୍ୟ ବୟାନ ନେଇଥିଲେ ।

ବିକାଶ ନାଁରେ ବିପର୍ଯ୍ୟୟ: କାନପୁର କେନାଲ ପୋଲ ପାଇଁ ନରକ ଯନ୍ତ୍ରଣା ଭୋଗୁଛନ୍ତି ଭଣ୍ଡା ପଂଚାୟତବାସୀ; ପ୍ରଶାସନିକ ନୀରବତାକୁ ନେଇ ପ୍ରଶ୍ନବାଚୀ

ଚମ୍ପୁଆ,୩୦/୧୦ (ନି.ପ୍ର): ବିକାଶର ମାଇଲଖୁଣ୍ଟ ସାଜିବାକୁ ଥିବା ବୃହତ କାନପୁର ନଦୀବନ୍ଧ ଯୋଜନା ପ୍ରକଳ୍ପ ଆଜି ସାଧାରଣ ଜନତାଙ୍କ ପାଇଁ ଅଭିଶାପ ପାଲଟିଥିବା ଦେଖିବାକୁ ମିଳିଛି । ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମପଂଚାୟତର ଭଣ୍ଡା ବାଙ୍କିସାହି, ଭଣ୍ଡା ବଣସାହି, ଭଣ୍ଡା କନ୍ଦରନାଳୀ, ସୁଭଦ୍ରଦେଇପୁର ଛକ, ବାସୁଦେବପୁର ଗୁରୁବାରହାଟ ଛକ, ବାସୁଦେବପୁର ରବିବାରହାଟ ଛକ, ବାସୁଦେବପୁର ଶିଶୁ ମନ୍ଦିର ପାଖ, ରଙ୍ଗାମାଟିଆ ଛକ, ବାଙ୍କିଆ ଶାଳ ଜଙ୍ଗଲ ଆଦି ପ୍ରମୁଖ ସ୍ଥାନ ମାନଙ୍କରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକୁ କାଟି କାନପୁର କେନାଲ୍ ପୋଲ ନିର୍ମାଣ କରାଯାଇଥିଲା। କିନ୍ତୁ କାମ ସରିବା ପରେ ରାସ୍ତାକୁ ପୂର୍ବସ୍ଥିତିକୁ ଆଣିବା କିମ୍ବା ମରାମତି କରିବା କଥା ଯେମିତି ବିଭାଗୀୟ ଅଧିକାରୀ ଓ ଠିକାଦାର ଭୁଲିଯାଇଛନ୍ତି। ଫଳରେ ଏହି ରାସ୍ତା ଗୁଡିକ ବର୍ତ୍ତମାନ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇପଡ଼ିଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କ ରେ ବିଭାଗୀୟ ଅଧିକାରୀ ମାନେ ସବୁ ଜାଣି ନ ଜାଣିଲା ପରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ପୋଲ ନିର୍ମାଣ ସମୟରେ ଖୋଳାଯାଇଥିବା ରାସ୍ତାରେ ଠିକ୍ ଭାବରେ ମୋରମ ପକାଯାଇ ନଥିବାରୁ, ସାମାନ୍ୟ ବର୍ଷା ହେଲେ ମଧ ପୋଲର ଦୁଇ ପାଖ ରାସ୍ତା ଅତ୍ୟନ୍ତ ଦୟନୀୟ ହୋଇପଡୁଛି। ସମ୍ପୂର୍ଣ୍ଣ ରାସ୍ତା ବର୍ତ୍ତମାନ କାଦୁଅ ଏବଂ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଦିନରାତି ଏହି ବାଟ ଦେଇ ଯାତାୟାତ କରୁଥିବା ସ୍କୁଲ୍ ପିଲା, ସାଇକେଲ୍ ଆରୋହୀ, ରୋଗୀ ଓ ଆମ୍ବୁଲାନ୍ସ ଏବଂ ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏଠାରେ ଗାଡ଼ିଗୁଡ଼ିକ ଖାଲରେ ଫସି ରହୁଥିବା ଦେଖିବାକୁ ମିଳୁଛି, କିନ୍ତୁ ଏସବୁ ଦୃଶ୍ୟ ଦେଖିବାକୁ ବାବୁମାନଙ୍କର ସମୟ ନାହିଁ। ଜନସାଧାରଣ କ୍ଷୋଭ ପ୍ରକାଶ କରି କହିଛନ୍ତି— 'ଯଦି ଲୋକଙ୍କ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜନା କରୁଛନ୍ତି, ତେବେ କିଛି ଦାୟିତ୍ୱହୀନ ଅଧିକାରୀ ଓ ମନମୁଖୀ ଠିକାଦାରଙ୍କ ଦୁର୍ନୀତି ଏବଂ ବେପରୁଆ କାର୍ଯ୍ୟ ଯୋଗୁଁ ସରକାରଙ୍କ ବଦନାମ ହେଉଛି।' ଲୋକେ ଯେତେବେଳେ ପ୍ରତିଦିନ ନରକ ଯନ୍ତ୍ରଣା ଭୋଗୁଛନ୍ତି, ସେତେବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭଣ୍ଡା ପଂଚାୟତ ସମେତ ଆଖପାଖ ଅଂଚଳର ଜନସାଧାରଣ ଏହି ଘଟଣାକୁ ନେଇ କ୍ଷିପ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ କାନପୁର କେନାଲ୍ ପୋଲ ଗୁଡିକର ଦୁଇ ପାଖରେ ରହିଥିବା କାଦୁଅମୟ ରାସ୍ତାକୁ ତୁରନ୍ତ ପକ୍କା ରାସ୍ତା କରାଯିବା ସହିତ ଜନସାଧାରଣଙ୍କ ଜୀବନ ସହ ଖେଳୁଥିବା ବେପରୁଆ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

ମାଲକାନଗିରିରେ ସଫଳ ବାତ୍ୟା ମୁକାବିଲା : ଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରଶାସନର ତତ୍ପରତା ଯୋଗୁଁ ସୁରକ୍ଷିତ ଜନଜୀବନ

ମାଲକାନଗିରି,୩୦/୧୦ (ନି.ପ୍ର): ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା କରିବାରେ ମାଲକାନଗିରି ଜିଲ୍ଲା ପ୍ରଶାସନର ଆଗୁଆ ପ୍ରସ୍ତୁତି ଏବଂ ସୁଚିନ୍ତିତ ପଦକ୍ଷେପ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ସୁଦୃଢ଼ ନେତୃତ୍ୱରେ ସମସ୍ତ ବିଭାଗ ମଧରେ ଉତମ ସମନ୍ୱୟ ରକ୍ଷା କରାଯାଇ ଜନଜୀବନକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇପାରିଛି। ଆପାତକାଳୀନ ସ୍ଥିତିର ପରିଚାଳନା ଠାରୁ ଆରମ୍ଭ କରି ନିରବଚ୍ଛିନ୍ନ ସେବା ଯୋଗାଣ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ସୁଚାରୁରୂପେ ତଦାରଖ କରିବାରେ ଜିଲ୍ଲାପାଳ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ରଶାସନିକ ଦକ୍ଷତାର ପରିଚୟ ଦେଇଛନ୍ତି। ଲୋକଙ୍କ ନିରାପତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ସର୍ବମୋଟ ୧୫,୪୭୭ ଜଣଙ୍କୁ ଆଗୁଆ ଉଦ୍ଧାର କରାଯାଇ କାର୍ଯ୍ୟକ୍ଷମ ଥିବା ୨୧୮ଟି ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ଥଇଥାନ କରାଯାଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଇ ୨୯୮ ଜଣ ଗର୍ଭବତୀ ମହିଳାଙ୍କୁ ଆଗୁଆ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଥିମଧରୁ ୨୦୩ଟି ଆନୁଷ୍ଠାନିକ ପ୍ରସବ ସଫଳତାର ସହ ସମ୍ପନ୍ନ ହୋଇଛି, ଯାହାକି ପ୍ରଶାସନର ମାନବିକ ଦୃଷ୍ଟିକୋଣକୁ ଦର୍ଶାଉଛି। ଅନ୍ୟପକ୍ଷରେ ଜିଲ୍ଲାରେ ମୋଟ ୨୫୪.୨୪ ମିଲିମିଟର ଏବଂ ହାରାହାରି ୩୬.୨୨ ମିଲିମିଟର ବୃଷ୍ଟିପାତ ରେକର୍ଡ ହୋଇଥିବା ବେଳେ ବର୍ତମାନ କେତେକ ସ୍ଥାନରେ କେବଳ ଝିପିଝିପି ବର୍ଷା ଲାଗି ରହିଛି। ସୁବ୍ୟବସ୍ଥିତ ପରିଚାଳନା ଯୋଗୁଁ ଜିଲ୍ଲାରେ ସାର୍ବଜନୀନ ଭିତିଭୂମିର କୌଣସି କ୍ଷୟକ୍ଷତି ହୋଇନାହିଁ। ଯେଉଁ କେତେକ ସ୍ଥାନରେ ଗଛଡ଼ାଳ ଭାଙ୍ଗି ପଡ଼ିଥିଲା, ଅଗ୍ନିଶମ ବାହିନୀ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ତାହାକୁ ହଟାଇ ଯୋଗାଯୋଗ ବ୍ୟବସ୍ଥାକୁ ତୁରନ୍ତ ସୁଗମ କରାଯାଇପାରିଛି। ପରିସ୍ଥିତି ଶାନ୍ତ ପଡ଼ିବା ପରେ ଏବେ ଜିଲ୍ଲା ପ୍ରଶାସନ ବିଶେଷ କରି ଚାଷୀମାନଙ୍କୁ ସହାୟତା ଯୋଗାଇଦେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ମାଲକାନଗିରି ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପକ୍ଷରୁ ସମଗ୍ର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ବର୍ଷା ଯୋଗୁଁ ହୋଇଥିବା ସମ୍ଭାବ୍ୟ ଫସଲ କ୍ଷୟକ୍ଷତିର ତ୍ୱରିତ ଆକଳନ ନିମନ୍ତେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସହକାରୀ ଜିଲ୍ଲାପାଳ ଏବଂ ଜରୁରୀକାଳୀନ ବିଭାଗୀୟ ଅଧିକାରୀମାନେ ପ୍ରଭାବିତ ଅଂଚଳ ପରିଦର୍ଶନ କରି କ୍ଷେତ୍ର ସମୀକ୍ଷା ଆରମ୍ଭ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ନିୟମାନୁଯାୟୀ ଯଥାଶୀଘ୍ର ସହାୟତା ପ୍ରଦାନ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। କୌଣସି ପରିସ୍ଥିତିରେ ଜିଲ୍ଲାବାସୀ ତଥା ଚାଷୀ ଭାଇମାନଙ୍କ ଅସୁବିଧା ହେବାକୁ ଦିଆଯିବ ନାହିଁ ଏବଂ ପ୍ରଶାସନ ସେମାନଙ୍କ ସହ ସର୍ବଦା ଛିଡ଼ା ହୋଇଛି ବୋଲି ବାର୍ତା ଦିଆଯାଇଛି।

ଜୟପୁରରେ ବ୍ରାଉନସୁଗାର ଜବତ ମାମଲା ଫେରାର ୨ ଅଭିଯୁକ୍ତ ଗିରଫ

ଜୟପୁର,୩୦/୧୦ (ନି.ପ୍ର): ଜୟପୁର କେନାଲ ରୋଡ୍ ନିକଟରେ ଚାଲିଥିବା ଏକ ବଡ଼ ଧରଣର ବ୍ରାଉନସୁଗାର କାରବାର ଉପରେ ଚଢ଼ଉ କରି ପୋଲିସ ୪୦୩.୧ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଥିଲା । ଏହି ମାମଲା ରେ ଫେରାର ୨ ଅଭିଯୁକ୍ତ କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ନୟାଗଡ଼ର ଶେଖ ରିୟାଜୁଦ୍ଦିନ ଓ ହାକିମ ଖାନା । ଜବତ ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ରୁ ୪୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା ।

ପୁଲିସ ସୂଚନା ଅନୁଯାୟୀ, ଗତ ୩ ତାରିଖ ରାତିରେ ପାଟ୍ରୋଲିଂ ଚାଲିଥିବା ସମୟରେ କେନାଲ ରୋଡ୍ ନିକଟରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଗୁଇନ୍ଦା ସୂଚନା ମିଳିଥିଲା। ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ବେଳେ ପ୍ରଥମେ ଦୁଇ ଜଣ ନିଶା ଗ୍ରହଣକାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ସେଠାରେ ଏକ ଧଳା ରଙ୍ଗର ମାରୁତି ସୁଜୁକି ଡିଜାୟାର୍ କାର୍ ଆସି ପହଂଚିଥିଲା। ସେଠାରେ ଉପସ୍ଥିତ ମୋଟ ୭ ଜଣଙ୍କ ମଧରୁ ପୋଲିସ ୬ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ୨ ଜଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଏନଡିପିଏସ ନିୟମ ଅନୁସାରେ ଅଭିଯୁକ୍ତ ଓ ଗାଡ଼ିର ତଲାସି କରାଯିବା ପରେ କାର୍ରୁ ୩୭୦୦ଟି ବ୍ରାଉନସୁଗାର ପୁଡ଼ିଆ ଏବଂ ପ୍ରତ୍ୟେକଟି ୧୦ ଗ୍ରାମ ଲେଖାଏଁ ଥିବା ୧୧ଟି ପ୍ୟାକେଟ୍ ମିଳିଥିଲା। ସମୁଦାୟ ୪୦୩.୧ ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇଥିଲା । ଜୟପୁରର ରିସିଭର ରାମୁ ନିକଟରୁ ୧୦୦ଟି ପୁଡ଼ିଆ ମିଳିଥିବା ବେଳେ କାର୍ରେ ଆସିଥିବା ଖୋର୍ଦ୍ଧାର ଅଲ୍ଲୀ ନାମକ ଜଣେ ଯୁବକଙ୍କ ନିକଟରୁ ପ୍ରାୟ ୧୧୦ ଗ୍ରାମ ବ୍ରାଉନସୁଗାର ଉଦ୍ଧାର କରାଯାଇଛି। ଏହା ବ୍ୟତୀତ ଘଟଣାସ୍ଥଳରୁ ଗୋଟିଏ କାର, ନଗଦ ୨୦ ହଜାର ଟଙ୍କା, ୮ଟି ମୋବାଇଲ୍ ଫୋନ୍ ଏବଂ ଗାଡ଼ି ଡିକିରୁ ୨ଟି ମାରଣାସ୍ତ୍ର ମଧ ଜବତ କରାଯାଇଥିଲା । ଗିରଫ ହୋଇଥିବା ୬ ଜଣଙ୍କ ମଧରେ କୋରାପୁଟର ୨ ଜଣ, ନୟାଗଡ଼ର ୩ ଜଣ ଏବଂ ଖୋର୍ଦ୍ଧାର ଜଣେ ବ୍ୟକ୍ତି ସାମିଲ ଅଛନ୍ତି। ସେମାନଙ୍କ ନାମରେ ପୂର୍ବରୁ ମଧ ଏନଡିପିଏସ ଆଇନ ଅନୁଯାୟୀ ବିଭିନ୍ନ ଅପରାଧିକ ମାମଲା ରହିଛି।

ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଚମ୍ପୁଆ,୩୦/୧୦ (ନି.ପ୍ର): ଚମ୍ପୁଆ ପିଏମଶ୍ରୀ ସରକାରୀ ମହତାବ ଉଚ୍ଚ ବିଦ୍ୟାଳୟ ଠାରେ ଚମ୍ପୁଆ ତାଲୁକ୍ ଆଇନ୍ ସେବା କମିଟି ଆନୁକୂଲ୍ୟରେ ଆଇନ୍ ସାକ୍ଷରତା ଏବଂ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ବକ୍ତା ଭାବେ ତାଲୁକ ଆଇନ ସେବା କମିଟୀର ଅଧକ୍ଷ ପ୍ରଣୟ କୁମାର ଦାସ, ସବଜଜ ଜିତେନ୍ଦ୍ର ଦାସ, ଏସଡିଜେଏମ ସାଧନ ଜିତ ପଣ୍ଡା, ଚମ୍ପୁଆ ବାର୍ ଆସୋସିଏସନ୍ ର ସରକାରୀ ଓକିଲ ରମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଓକିଲ ବିଷ୍ଣୁ ଚରଣ ରାଠୋର ପ୍ରମୁଖଯୋଗ ଦେଇ ପୋସ୍କୋ ଆଇନ୍ ତଥା ସୁରକ୍ଷିତ ଜୀବନ ପାଇଁ ଆଇନର ଆବଶ୍ୟକତା ଏବଂ ଛାତ୍ର ଛାତ୍ରୀମାନେ କିପରି ଯୌନ ନିର୍ଯାତନାରୁ ନିଜକୁ ସୁରକ୍ଷିତ ରଖିପାରିବେ ସେ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ଲୋପାମୁଦ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚମ୍ପୁଆ ତାଲୁକ ଆଇନ୍ ସେବାର ସ୍ୱେଚ୍ଛାସେବୀ ଅବଦୁଲ ସୁରଜ ଖାନ, ରାମକୃଷ୍ଣ ଜିତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

ଧରଣୀଧର ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ- ୨୦୨୬ ଅନୁଷ୍ଠିତ

କେନ୍ଦୁଝର,୩୦/୧୦ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଜି. ଇ -୧ କକ୍ଷରେ ଦୁର୍ନୀତି ନିବାରଣ ବିଭାଗ, କେନ୍ଦୁଝର ଶାଖା ସହଯୋଗ ରେ'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ- ୨୦୨୬' ଅନୁଷ୍ଠିତ ହୋଇଯାଇଛି। ଯାହାର ମୂଳ ଲକ୍ଷ୍ୟ ହେଉଛି 'ସାଧୁତାରୁ ସମୃଦ୍ଧି'। ଯେଉଁଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଅଧକ୍ଷତା କରିଥିଲେ। ସଭାରେ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ଅଧକ୍ଷ ପ୍ରଫେସର ପ୍ରଭୁ ପ୍ରସାଦ ଦାସ ତାଙ୍କ ଅନୁଭୂତି ମୂଳକ ଅଭିବ୍ୟକ୍ତିରେ ସାଧୁତାର ମୂଲ୍ୟ କେତେ ଗୁରୁତ୍ୱ ପୂର୍ଣ୍ଣ ତତ୍ ସମ୍ପର୍କରେ ଆଲୋଚନା କରିଥିଲେ। କୁଳସଚିବ ପ୍ରଭାତି ପୃଷ୍ଟି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସାଧୁତା ଗୋଟିଏ ରାଷ୍ଟ୍ରକୁ ସୁରକ୍ଷା ଦେବା ସହିତ ପ୍ରଗତି ପଥରେ ଆଗକୁ ନେବାରେ ସାହାଯ୍ୟ କରିଥାଏ। ଛାତ୍ର ମଙ୍ଗଳ ଅଧିକାରୀ ସହକାରୀ ପ୍ରଧାପକ ବିଜୟ କୁମାର ବେହେରା ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ଅମେ ଆମ ବିବେକ ଦ୍ୱାରା ପରିଚାଳିତ ହୋଇ ଦାୟିତ୍ୱ ପ୍ରତି ଯତ୍ନ ବାନ୍ ହୋଇ କାର୍ଯ୍ୟ କଲେ ସଫଳ ନାଗରିକ ହୋଇପାରିବା । ଏହାପରେ ଦୁର୍ନୀତି ନିବାରଣ ଅଫିସର୍ ସୁଧାଂଶୁ ଶେଖର ପୂଜାରୀ ତାଙ୍କ ଅଭିଭାଷଣରେ ଆମ ଦୈନିକ ଜୀବନରେ କିପରି ଛୋଟ ଛୋଟ କିଣା ବିକାରେ କିପରି ଠକାମିରେ ଶିକାର ନ ହୋଇ ସଚେତନ ସହ ଦୁର୍ନୀତିକୁ ବିରୋଧ କରିପାରିବା ତତ୍ ସଂପର୍କରେ ମତ ରଖିଥିଲେ । ଏହାପରେ ବିଶ୍ୱବିଦ୍ୟାଳୟର କୁଳପତି ତାଙ୍କ ମନ୍ତବ୍ୟରେ କହିଥିଲେ ଯେ ବ୍ୟକ୍ତି ଯେତେବେଳେ ନୈତିକତା ଓ ଆଦର୍ଶବୋଧରୁ ଦୂରେଇ ଯାଏ ସେଠାରେ ଦୁର୍ନୀତି ହୋଇଥାଏ ଫଳରେ ସାଧାରଣ ମଣିଷ ଜୀବନରେ ବିପର୍ଯ୍ୟୟ ଘଟିଥାଏ। ଏଣୁ ଏହି ଦୁର୍ନୀତି ରୂପକ ମାନସିକ ରୋଗକୁ ଦୂରେଇ ପାରିଲେ ଏବଂ ବ୍ୟକ୍ତି ଜୀବନକୁ ଛାଡ଼ି ସାମାଜିକ ଜୀବନ ପ୍ରତି ଯତ୍ନବାନ ହେଲେ ଓ ଚେତନାକୁ ଜାଗ୍ରତ କରାଇପାରିଲେ ନିଶ୍ଚିତ ଉନ୍ନତି କରିପାରିବା। ନୃତତ୍ୱ ବିଭାଗର ଅଧାପିକା ଡ଼କ୍ଟର ସରିତା ନାୟକ ମଂଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅଭିଭାଷଣ ସହକାରୀ ପ୍ରଧାପକ ଶ୍ରୀ ଶୁକଦେବ ତିରିଆ ରଖିଥିଲେ। ଏହି ସଭାରେ ବିଶ୍ୱବିଦ୍ୟାଳୟରେ ସମସ୍ତ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଭଦ୍ରକରେ ଜିଲ୍ଲାସ୍ତରୀୟ ପିଏମ୍-କିଷାନ ଉତ୍ସବ ଦିବସ ପାଳିତ: ୧.୬୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୩୨.୫୦ କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା



ଭଦ୍ରକ, ୩୦/୧୦ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଆଜି ଜିଲ୍ଲାସ୍ତରୀୟ ପିଏମ୍-କିଷାନ ଉତ୍ସବ ଦିବସ ଜିଲ୍ଲା ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତିର ଅର୍ଥରାଶି ପ୍ରଦାନ ସମ୍ପର୍କିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତି ଅଧୀନରେ ଭଦ୍ରକ ଜିଲ୍ଲାର ମୋଟ ୧,୬୨,୫୨୪ ଜଣ ଚାଷୀଙ୍କୁ ପ୍ରତ୍ୟେକଙ୍କ ନିମନ୍ତେ ୨,୦୦୦ ଟଙ୍କା ହିସାବରେ ସର୍ବମୋଟ ୩୨ କୋଟି ୫୦ ଲକ୍ଷ ୪୮ ହଜାର ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କ୍ରୟ ସହିତ କୃଷି ସମ୍ବନ୍ଧୀୟ ଆବଶ୍ୟକତା ପୂରଣରେ ସହାୟକ ହେବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଶଶୀଭୂଷଣ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଞ୍ଜୟ କୁମାର, ଜିଲ୍ଲା କୃଷି ଅଧିକାରୀ ଶ୍ରୀମତୀ ପ୍ରୀତିରେଖା ମହାଲିକ ଓ ଯୋଜନା ଅଧିକାରିଣୀ ମୈଥିଳୀ ମିନର୍ଭା ଗିରି ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କୃଷି ବିଭାଗର ବିଭିନ୍ନ ଅଧିକାରୀ, କର୍ମଚାରୀ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ସହକାରୀ କୃଷି ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ପଣ୍ଡା କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ଉଦ୍ଦେଶ୍ୟ, ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଏହାର ଭୂମିକା ଏବଂ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହିତ ସରକାରଙ୍କ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ଆଧୁନିକ କୃଷି ପଦ୍ଧତି ଅବଲମ୍ବନ, କୃଷି ଉତ୍ପାଦନ ବୃଦ୍ଧି ଏବଂ ନିଜର ଆୟ ବୃଦ୍ଧି ଦିଗରେ ଉଦ୍ୟମ କରିବାକୁ ଚାଷୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଚାଷୀଙ୍କ କଲ୍ୟାଣ ଓ କୃଷି କ୍ଷେତ୍ରର ସାମଗ୍ରିକ ବିକାଶ ଦିଗରେ ପିଏମ୍-କିଷାନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଏହି ଯୋଜନା ସମେତ ଅନ୍ୟାନ୍ୟ କୃଷକ କଲ୍ୟାଣମୂଳକ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରାଯାଇଥିଲା ।

ଜଳକା ନଦୀରେ ବନ୍ୟା



ବସ୍ତା , ୩୦/୧୦ (ନି.ପ୍ର): ବାତ୍ୟା ଅର୍ଣ୍ଣବ ଯୋଗୁ ଦୁଇଦିନଧରି ବସ୍ତା ଅଞ୍ଚଳରେ ଲଗାଣ ବର୍ଷା ହେବା ସହିତ ମୟୂରଭଞ୍ଜ ଚକସୂଳିଆପଦା ମୋରଡା ରାସଗୋବିନ୍ଦପୁର ଅଞ୍ଚଳରୁ ସିଧା ସଳଖ ବର୍ଷାପାଣି ଆସି ଜଳକାନଦୀରେ ବନ୍ୟା ଦେଖା ଦେଇଛି ।ଯାହାଫଳରେ ଜଳକା ବିପଦ ସଂଙ୍କେତ ଟପି ୬.୫୦ମିଟର ରେ ପ୍ରବାହିତ ହେଉଛି । ସଧ୍ୟାରେ ମଥାନୀ ଠାରେ ୬.୫୪ମିଟର ରେ ପ୍ରବାହିତ ହେଉଛି।୧୬ନଂ ଜାତୀୟ ରାଜପଥ ମଥାନୀ ବାୟପାସରୁ ଗାନ୍ଧିଛକକୁ ସଂଯୋଗ କରୁଥିବା ରାସ୍ତା ବାହାର୍ଦ୍ଧାଚଟାଣରେ ପାଣି ପ୍ରବେଶ କରିଛି। ଜଳକାନଦୀର ଦୁଇପାର୍ଶ୍ୱରେ ଅନେକ ଗାଁ ସାହି ଥିବାବେଳେ ଦୁର୍ବଳ ବାହାଲବନ୍ଧ ରେ ବାଲିବସ୍ତା ପକାଯାଇ ପାଣିକୁ ଆକଟ କରାଯାଇଥିଲା । ମାତ୍ର ଅଧିକାଶଂ ସ୍ଥାନରେ ପାଣିସୁଅରେ ଅତଡାଖସି ବାଲିବସ୍ତା ନାହିଁ ବାଉଁଶ କିଲା ରହିଛି ।ଯଥାଶିଘ୍ର ବାଲିବସ୍ତା ନ ପକାଇଲେ ଗାଁ ସାହିରେ ପୁଣି ପାଣି ପଶିବ ବୋଲି ଭୟଭିତ ହୋଇଛନ୍ତି ଗ୍ରାମବାସୀ ।ଅପରପକ୍ଷେ ବନ୍ୟାଯୋଗୁ ଧାନ ଥୋଡରେ ପାଣି ପଶିଯାଇଛି ଓ ଚାଷ ବ୍ୟାପକ କ୍ଷତି ହେବବୋଲି ଆକଳନ କରାଯାଉଛି। ବସ୍ତା ଅଞ୍ଚଳରେ ୧୭ହଜାର ହେକ୍ଟର ଚାଷଜମି ଚାଷ ହେଉଥିବା ବେଳେ ୧୦ହଜାର ହେକ୍ଟର ଧାନ ଚାଷ ଜମି ସମ୍ପୁର୍ଣ୍ଣ ନଷ୍ଟ ହୋଇ ଯାଇଛି। ତେବେ ଜଳକା ନଦୀ ଦୁଇ ପାର୍ଶ୍ୱ ରେ ଥିବା ଗାଁ ଗୁଡିକ ରେ ସ୍ଥାନେସ୍ଥାନେ ନଦୀବନ୍ଧ ଦୁର୍ବଳ ଥିବାରୁ ଭୟଭିତ ଅଛନ୍ତି ଗାଆଁ ଲୋକେ ।

ନୀଳଗିରି ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମସ୍ୟା ନେଇ ସାଂସଦଙ୍କ ସମୀକ୍ଷା

ନୀଳଗିରି, ୩୦/୧୦ (ନି.ପ୍ର): ନୀଳଗିରି ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସଠିକଭାବେ ହେଉନଥିବା ନେଇ ସାଧାରଣଜନତା ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ଠାରେ ଅଭିଯୋଗ କରିଥିଲେ।ଏନେଇ ଗୁରୁବାର ଦିନ ପ୍ରାୟ୧୨ଟା ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଚାନକ ନୀଳଗିରି ବ୍ଲକରେ ପହଁଚି ବିଡ଼ିଓ ଓ ୨୫ଗୋଟି ପଂଚାୟତରେ ଥିବା ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଉନ୍ନୟନକାର୍ଯ୍ୟରେ ଯନ୍ତ୍ରୀ ମାନେ ସଠିକ ସମୟରେ ଲେ- ଆଉଟ ନଦେବା, ବିଲ କରିବାରେ ସହଯୋଗ କରୁନଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟିହେବା ସହିତ ଠିକାଦାର ମାନେ ବିଲ ପାଇବାରେ ହଇରାଣ ହେଉଛନ୍ତି ବୋଲି ବିଡ଼ିଓ ବିକ୍ରମ କେଶରୀ ପରିଡାଙ୍କୁ ପଚାରିଥିଲେ।ଏନେଇ ବିଡ଼ିଓ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ଗୟାଧର ସିଂଙ୍କୁ ତାଙ୍କ ଚେମ୍ବରକୁ ଡାକି ମାନ୍ୟବର ସାଂସଦଙ୍କ ଉପସ୍ଥିତରେ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହତ ଆଲୋଚନା କରିଥିଲେ।ଯେପରି ଆଗକୁ ସମସ୍ୟା ନହୁଏ ସେନେଇ ତାଗିଦକରିବା, ଠିକ ସମୟରେ କାର୍ଯ୍ୟ ନକଲେ ସମ୍ପୃକ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟ ନୁଷାନ ଗ୍ରହଣ କରିବେବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଦେବାଶିଷ ଆଚାର୍ଯ୍ୟ, ରତିକାନ୍ତ ବେହେରା, ରମାକାନ୍ତ ବେହେରା ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ବେଆଇନ ମଦ ଭାଟିରେ ଚଢ଼ାଉ: ୧୩୫୦୦ କେଜି ମହୁଲ ପୋଚ ନଷ୍ଟ

ବାରିପଦା, ୩୦/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ମୋରଡା ଅବକାରୀ ବିଭାଗ ଆଜି ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ବିପୁଳ ପରିମାଣରେ ମହୁଲ ପୋଚ ନଷ୍ଟ କରିବା ସହିତ ଦେଶୀ ମଦ ଓ଼ ମଦ ତିଆରି ପାଇଁ ବ୍ୟବହୃତ ସରଞ୍ଜାମ ମଧ୍ୟ ଜବତ କରିଛି। ମୋରଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ଅନୁଯାୟୀ,ମୋରଡା ଅବକାରୀ ବିଭାଗ, ଏପିଆର ଫୋର୍ସ,ସଦର, ମୋବାଇଲ ଇନ୍ସପେକ୍ଟର , କୁଳିଅଣା, ଦେଉଳି, ସଦର ଅବକାରୀ ବିଭାଗ ଆଜି ମିଳିତ ଭାବେ ମୋରଡା ବ୍ଲକର ଭାଲୁକଟୁଆ,ହାଣ୍ଡିଭଙ୍ଗାରେ ବେଆଇନ ଭାବେ ଚାଲିଥିବା ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ୧୩୫୦୦ କେଜି ମହୁଲ ନଷ୍ଟ କରିବା ସହିତ ୧୧୫୦ଲିଟର ମଦ ଜବତ କରିଛି। ତେବେ ଚଢ଼ାଉରେ କାହାକୁ ଗିରଫ କରାଯାଇ ନାହିଁ । ଅବକାରୀ ବିଭାଗ ଠାରୁ ଚୋରା ବେପାରୀ ଅଧିକ ଚାଲାକ ହୋଇ ଖସି ପଳାଇବାରେ ସମର୍ଥ ହୋଇପାରିଛି । ଉକ୍ତ ଚୋରା ବେପାରୀ ଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଭାବରେ ଏକ ଅଭିଯାନ ର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି ।

ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୩୦/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଗାଁ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ। ଏହି ଉତ୍ସବରେ ଏ ବି ଇ ଓ ଉର୍ମିଳା କର, ତପନ କୁମାର ଦ୍ୱିବେଦୀ, ସି ଆର ସି ସି ଅଭିଷେକ ପାତ୍ର, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଦୀକ୍ଷିତ, ସମିତି ସଭ୍ୟଙ୍କ ପ୍ରତିନିଧି ଗୁରୁ ପ୍ରସାଦ ମହାନ୍ତି, ବ୍ରାହ୍ମଣଗାଁ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ରତ୍ନାକର ମହାଳିକ, ସ୍କୁଲ୍ ପରିଚାଳନା କମିଟି ସଭାପତି ଦୋଳ ଗୋବିନ୍ଦ ସାମଲ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ସି ଆର ସି ସି ରାଜେନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅମୀୟ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ସି ଆର ସି ସି ଅଶୋକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ନୃତ୍ୟ, ସଙ୍ଗୀତ, ବକ୍ତୃତା, ତର୍କ,ଚିତ୍ରାଙ୍କନ,ହସ୍ତାକ୍ଷର ପ୍ରଭୃତି ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ବାଲେଶ୍ୱର ଜିଲ୍ଲାରେ ଜନଗଣନା ୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ବାଲେଶ୍ୱର, ୩୦/୧୦ (ନି.ପ୍ର): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କ ତତ୍ତ୍ୱାବଧାନରେ ଜନଗଣନା ୨୦୨୭ ର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଡେପୁଟି ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲିକ, ସହାୟକ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁବ୍ରତ କୁମାର ଘୋଷ, ଜନଗଣନା ସହାୟକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ଦାୟିତ୍ୱପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ମହେନ୍ଦ୍ର ମହାଳିକ, ଜନଗଣନା ପରାମର୍ଶଦାତା ଶ୍ରୀଯୁକ୍ତ ଦୟାନିଧି ନାୟକ, ବାଲେଶ୍ୱର ଜିଲ୍ଲାର ସମସ୍ତ ତହସିଲଦାର ଓ ଅତିରିକ୍ତ ତହସିଲଦାର, ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୦ ଜାନୁଆରୀ ରୁ ୨୪ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ସ୍ୱୟଂ ଗଣନା ରହିଥିବା ବେଳେ ୨୫ ଜାନୁଆରୀ ରୁ ୨୮ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା କରାଯିବ ପାଇଁ ନିଷ୍ପତ୍ତି ନିଆଯାଇଛି । ଜନଗଣନାକାରୀ ମାନେ ଘରକୁ ଘର ବୁଲି ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା କାର୍ଯ୍ୟ କରିବେ । ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ପରିବାର ଓ ବ୍ୟକ୍ତିଙ୍କ ସମ୍ପର୍କରେ ନିର୍ଦ୍ଧାରିତ ପ୍ରଶ୍ନାବଳୀ ଅନୁସାରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯିବ। ଏହି ପର୍ଯ୍ୟାୟରେ ମୋଟ ଜନସଂଖ୍ୟା, ପରିବାରର ଗଠନ, ବୟସ, ଲିଙ୍ଗ, ଶିକ୍ଷା, ବୃତ୍ତି ଓ ଅନ୍ୟାନ୍ୟ ନିର୍ଦ୍ଧାରିତ ଜନସଂଖ୍ୟା ବିଷୟ ସମ୍ପର୍କରେ ୪୦ ପ୍ରଶ୍ନ ଉପରେ ତଥ୍ୟ ହାସଲ କରାଯିବ। ଏହି ତଥ୍ୟ ଆଧାରରେ ସରକାର ଦେଶର ବର୍ତ୍ତମାନର ଆବଶ୍ୟକତା ଓ ଭବିଷ୍ୟତର ଆହ୍ୱାନକୁ ଚିହ୍ନଟ କରିପାରିବେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବିଜେଡି ଛାଡ଼ିବେ...

କଂଗ୍ରେସକୁ ଫେରିବେ କି ପୁରୁଣା ନେତା ? କେବଳ ଅଂଶୁମାନ ନୁହେଁ, କଂଗ୍ରେସକୁ ଘରବାହୁଡ଼ା ନେଇ ଆଉ ଏକ ନାଁକୁ ନେଇ ଚର୍ଚ୍ଚା । ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରା। ତାଙ୍କୁ ନେଇ ମଧ୍ୟ ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। କଂଗ୍ରେସ ଛାଡ଼ି ଅନ୍ୟ ଦଳକୁ ଯାଇଥିବା ନେତାଙ୍କୁ ପୁଣି ଦଳକୁ ଫେରାଇ ଆଣିବାକୁ ଚାଲିଛି କି ଉଦ୍ୟମ? ପୁରୁଣା ନେତାଙ୍କ ଘରବାହୁଡ଼ା ପାଇଁ ଦଳ ଭିତରେ ଚାଲିଛି କି ମାନସମନ୍ଥନ? ଯଦିଓ ଏନେଇ ପିସିସି ସଭାପତିଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ଘୋଷଣା ହୋଇନାହିଁ, ତଥାପି ଦଳୀୟ ଅନ୍ଦରମହଲରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ନେଇ ଚର୍ଚ୍ଚା ହେଉଛି। ଏପରିକି ଦିଲ୍ଲୀରେ ମିଶ୍ରଣ ପର୍ବ ହୋଇପାରେ ବୋଲି ମଧ୍ୟ ଆଲୋଚନା ଚାଲିଛି । ତେବେ ଗୋଟିଏ ପଟେ ବିଜେଡିରେ ଅଂଶୁମାନଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ, ଅନ୍ୟପଟେ କଂଗ୍ରେସରେ ପୁରୁଣା ନେତାଙ୍କ ଘରବାହୁଡ଼ାକୁ ନେଇ ଚର୍ଚ୍ଚା । ଏହା କେବଳ ରାଜନୈତିକ ଗୁଜବ ନା ରାଜ୍ୟ ରାଜନୀତିରେ ନୂଆ ସମୀକରଣର ଆରମ୍ଭ? ଅଂଶୁମାନ ଓ ପ୍ରକାଶଙ୍କ ପରବର୍ତ୍ତୀ ପଦକ୍ଷେପ ହିଁ ଦେବ ଏହାର ଉତ୍ତର ।

ଦକ୍ଷିଣ ଓଡ଼ିଶାରେ ଜଳପ୍ରଳୟ...

ମୋର ସର୍ବୋଚ୍ଚ ପ୍ରାଥମିକତା। ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆକାଶମାର୍ଗରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରଭାବିତ ଅଂଚଳ ଗୁଡ଼ିକର ସ୍ଥିତି ଅନୁଧ୍ୟାନ କଲି। ପ୍ରଭାବିତଙ୍କ ନିକଟରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯେପରି ବିନା ବାଧାରେ ପହଂଚିପାରିବ, ସେଥିପାଇଁ ସମଗ୍ର ପ୍ରଶାସନ ଅହୋରାତ୍ର କାର୍ଯ୍ୟ କରୁଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନରୁଦ୍ଧାର, ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ଓ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଠିନ ସମୟରେ ସରକାର ଦୃଢ଼ତାର ସହ ସହ ଛିଡ଼ା ହୋଇ ରହିଛନ୍ତି। ପ୍ରଭାବିତ ଅଂଚଳ ଲୋକମାନଙ୍କୁ ସାହସ ରଖି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେବା ସହ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳଙ୍କ ସୂଚନାକୁ ଅନୁସରଣ କରି ପରସ୍ପରକୁ ସହଯୋଗର ହାତ ବଢ଼ାଇବାକୁ କହିଛନ୍ତି। ସମସ୍ତେ ମିଳିତ ଭାବେ ଏହି ସଙ୍କଟରୁ ଖୁବଶୀଘ୍ର ବାହାରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟରେ ବନ୍ୟା ପରିସ୍ଥିତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ଫୋନରେ କଥା ହେବା ପରେ କେନ୍ଦ୍ର ସରକାର ତୁରନ୍ତ ସହାୟତା ଓ ହେଲିକପ୍ଟର ଯୋଗାଇ ଦେଇଛନ୍ତି ତଥା ରାଜ୍ୟର ପୂରା ପ୍ରଶାସନିକ ଟିମ୍ ସଜାଗ ରହି ଲୋକଙ୍କ ସେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ପ୍ରତ୍ୟକ୍ଷ ଆକଳନ ପାଇଁ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତ କରି କ୍ଷତିଗ୍ରସ୍ତ ଅଂଚଳ ଗସ୍ତ କରିବା ସହ ଜିଲ୍ଲାପାଳ ଓ ଅଧିକାରୀମାନଙ୍କ ସଙ୍ଗେ ବୈଠକ କରି ରିପୋର୍ଟ ପ୍ରସ୍ତୁତ କରିବେ। ସେହିପରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ପ୍ରବଳ ବର୍ଷା ଯୋଗୁଁ ଅନେକ ଗାଁରେ ଘରର ତଳ ମହଲା ପର୍ଯ୍ୟନ୍ତ ବନ୍ୟାପାଣି ପଶିଯାଇ ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିଛି। ଏଭଳି ସଙ୍କଟଜନକ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ପାଇଁ କୋଷ୍ଟଗାର୍ଡ ହେଲିକପ୍ଟର ନିୟୋଜିତ କରାଯାଇ ଗୁରୁତର ରୋଗୀମାନଙ୍କୁ ଏୟାରଲିଫ୍ଟ କରି ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ଏହାସହିତ ନୌସେନାର ହେଲିକପ୍ଟର ଯୋଗେ ବିଭିନ୍ନ ଜଳବନ୍ଦୀ ଅଂଚଳରେ ରିଲିଫ୍ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଏୟାର ଡ୍ରପିଂ କରାଯାଉଛି। କୌଣସି ବି ପ୍ରଭାବିତ ପରିବାର କିମ୍ବା ବ୍ୟକ୍ତି ଯେପରି ଅନାହାରରେ ନରୁହନ୍ତି ଓ ପ୍ରତ୍ୟେକ ବନ୍ୟା ବିପନ୍ନଙ୍କ ପାଖରେ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ପ୍ୟାକେଟ୍ ନିଶ୍ଚିତ ଭାବେ ପହଂଚେ, ତାହା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଆରଡିସିଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ରିଲିଫ୍ ବଣ୍ଟନ ପାଇଁ ଗଞ୍ଜାମ ଜିଲ୍ଲାରେ ୨୧ଟି ସ୍ଥାନ ଚିହ୍ନଟ କରାଯାଇଛି। ନୌସେନାର ହେଲିକପ୍ଟର, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ରିଲିଫ୍ ବଣ୍ଟନ କରୁଛନ୍ତି। କେବଳ ହିଞ୍ଜିଳି ଅଂଚଳରେ ୧୨୦୦ କେଜିର ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଉଛି। କୋଷ୍ଟଗାର୍ଡ ହେଲିକପ୍ଟର ସହାୟତାରେ ପାଣି ଘେରରୁ ୬ଜଣଙ୍କୁ ଉଦ୍ଧାର କରାଯାଇଛି ଓ ସୋରଡ଼ା, ଆସିକା, ଧରାକୋଟ ଭଳି ଜଳବନ୍ଦୀ ଅଂଚଳରେ ଖାଦ୍ୟ ଓ ଜରୁରୀ ସାମଗ୍ରୀ ପହଂଚାଯାଇଛି। ପ୍ରବଳ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ, ରାଜ୍ୟ ରାଜପଥ ସମେତ ବହୁ ମୁଖ୍ୟ ରାସ୍ତା ନଷ୍ଟ ହୋଇଯାଇଛି। ପୂର୍ବରୁ ଏଭଳି କ୍ଷୟକ୍ଷତି କେବେ ଦେଖିବାକୁ ମିଳିନଥିଲା। କନ୍ଧମାଳରେ କ୍ଷୟକ୍ଷତି ଓ ମୃତାହତକୁ ନେଇ କିଛି ଚର୍ଚ୍ଚା ଥିଲେ ମଧ୍ୟ ସରକାରୀସ୍ତରରେ କୌଣସି ସ୍ପଷ୍ଟୀକରଣ ବା ସତ୍ୟତା ମିଳିନାହିଁ। ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଡ଼ ବର୍ଷାର ସମ୍ଭାବନା ନଥିବା ଦର୍ଶାଇଥିଲେ ସୁଦ୍ଧା ସରକାରୀ କଳ ସମ୍ପୂର୍ଣ୍ଣ ସତର୍କ ରହିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ରଖଡ଼ଡ଼ଉ କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ରଖି ଶ୍ରୀ ପୂଜାରୀ କହିଛନ୍ତି ଯେ, ଅକ୍ଟୋବର ୧ରୁ ୩୦ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୧୮.୭ ପ୍ରତିଶତ ଅଧିକ ଅର୍ଥାତ୍ ୧୩୨ ମିମି ବର୍ଷା ହୋଇଥିବାବେଳେ ଗତ ତିନି ଦିନରେ ଗଞ୍ଜାମରେ ୧୧୮ ପ୍ରତିଶତ ଓ କନ୍ଧମାଳରେ ୧୨୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ଗଞ୍ଜାମରେ ବିଗତ ୨୪ ଘଣ୍ଟାରେ ୬୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଏହି ବର୍ଷା ଯୋଗୁଁ ୨୪୨ଟି ପଂଚାୟତ, ୩୮୬ଟି ଗାଁ ଓ ୧୦୬ଟି ସହରାଂଚଳ ୱାର୍ଡ ପ୍ରଭାବିତ ହୋଇଛି। ପ୍ରଶାସନ ପକ୍ଷରୁ ୨୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମର ୩୫୨ଟି ଓ ଗଜପତିର ୩୪୦ଟି ରିଲିଫ୍ ସେଣ୍ଟରରେ ମୋଟ ୨୧୭୮୨ ଜଣ ବନ୍ୟା ପୀଡ଼ିତ ଆଶ୍ରୟ ନେଇଛନ୍ତି। ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ,କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଆକାଶମାର୍ଗ ସର୍ଭେ ଓ କେନ୍ଦ୍ରୀୟ ଟିମର କ୍ଷୟକ୍ଷତି ରିପୋର୍ଟ ଆସିବା ପରେ କ୍ଷତିପୂରଣ ଦିଆଯିବ। ଏବେ ବିଭିନ୍ନ ଅଂଚଳରେ ବନ୍ୟାଜଳ ରହିଥିବାରୁ ଅଧିକାରୀମାନେ ତୃଣମୂଳ ସ୍ତରରେ ପହଂଚିବା ପରେ ହିଁ ସଠିକ୍ ଆକଳନ ସମ୍ଭବ ହେବ। ପାଣି କମିବା ମାତ୍ରେ ଯୁଦ୍ଧକାଳୀନ ଭିତ୍ତିରେ ଭାଙ୍ଗିଯାଇଥିବା ବ୍ରିଜ୍, ବିଦ୍ୟୁତ୍ ଖୁଣ୍ଟ ଓ ମୋବାଇଲ୍ ଟାୱାର ମରାମତି କରି ସେବା ସ୍ୱାଭାବିକ କରାଯିବ। ବନ୍ୟା ପରିଚାଳନାକୁ ନେଇ ବିଜେଡିର ଅଭିଯୋଗ ଉପରେ କଡ଼ା ଜବାବ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ ବିଜେଡି ନୁହେଁ ବରଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ସେବା। ବିଜେଡି ସରକାରରେ ବାତ୍ୟାବେଳେ ମନ୍ତ୍ରୀମାନେ ଫିଲ୍ଡକୁ ଯାଉଥିଲେ କି ବୋଲି ପ୍ରଶ୍ନ କରିବା ସହ ତାଙ୍କ ସରକାରଙ୍କ ପ୍ରତିନିଧିମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସୁଖଦୁଃଖ ବୁଝୁଥିବା କଥା ଶ୍ରୀ ସିଂହଦେଓ ଦୋହରାଇଛନ୍ତି।

ଦକ୍ଷିଣ ଓଡ଼ିଶାରେ ...

ସହାୟତା ଘୋଷଣା କରିଛନ୍ତି । ସେପଟେ ଘୁ.ଉଦୟଗିରି ବ୍ଲକର ବଲିଙ୍ଗିଆ ଓ କଟିଙ୍ଗିଆରେ ମଧ୍ୟ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ତପ୍ତପାଣି ଘାଟିରେ ଧସୁଛି ପାହାଡ଼ । ଡରାଉଛି ମହେନ୍ଦ୍ରତନୟାର ରୌଦ୍ରରୂପ । ଗଜପତି ଜିଲ୍ଲା ତପ୍ତପାଣି ଘାଟିର ସ୍ଥିତି ବି ସଙ୍ଗୀନ ହୋଇପଡିଛି। ଘାଟି ରାସ୍ତା ଉପରେ ବହୁଛି ପାହାଡ଼ିଆ ପାଣି। ପାହାଡରୁ ବଡ଼ବଡ଼ ପଥର ଖସି ରାସ୍ତା ଉପରେ ପଡିଛି। ବର୍ଷା ହେଉଥିବାରୁ ପାହାଡ଼ ଧସିବା ଆଶଙ୍କା ରହିଛି। ତେଣୁ ତପ୍ତପାଣି ଘାଟିରେ ଗମନାଗମନ ଠପ୍ ହୋଇପଡ଼ିଛି। ସେପଟେ ମହେନ୍ଦ୍ରା ତନୟାର ଜଳସ୍ତର ବଢ଼ି ପାରଳାଖେମୁଣ୍ଡି ଠାରୁ ଗୋପାଳପୁର ଦେଇ ଆନ୍ଧ୍ରପ୍ରଦେଶକୁ ଯିବା ରାସ୍ତାକୁ ତାଡ଼ି ନେଇଛି। ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ବହୁ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି । ସେପଟେ ଲଗାଣ ବର୍ଷା ଯୋଗୁଁ ମୋହନା ବ୍ଲକ ଚନ୍ଦ୍ରଗିରି ନଡ଼ିଆ ସାହିରେ କିଛି ମାଟି ଘର ଭୁଶୁଡ଼ି ପଡ଼ିଛି । ବେସାହାରା ହୋଇପଡିଛନ୍ତି ବିପନ୍ନ ପରିବାର । ସେପଟେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଓଡ଼ିଶାରେ କେବେ ଏଭଳି ଭୂସ୍ଖଳନ ଦେଖିବାକୁ ମିଳିନଥିଲା। କଳିଙ୍ଗା ଘାଟିରେ ପୁଣି ଭୂସ୍ଖଳନ । ବଡ଼ ବଡ଼ ପଥର ଗଛ ପଡ଼ିବା ସହ ମାଟି ଅତଡ଼ା ଖସିବା ସହ ପାହାଡ଼ରୁ ବର୍ଷା ପାଣିର ପ୍ରଖର ସ୍ରୋତ ରାସ୍ତା ଧୋଇ ନେଇଛି ।

ଜାନୁଆରୀ ୨୫ରୁ ଦେଶରେ...

ଏହି ସମୟସୂଚୀ ଅନୁସାରେ ଗଣନା ହେବ ନାହିଁ । ଲଦାଖ ସମେତ ହିମାଚଳ ପ୍ରଦେଶ ଓ ଜମ୍ମୁ-କାଶ୍ମୀରର ତୁଷାରପାତ ପ୍ରଭାବିତ ଅଣ-ସମକାଳୀନ ଅଞ୍ଚଳରେ ମଧ୍ୟ ଅଲଗା ସମୟସୂଚୀ ରହିଛି । ଦୀର୍ଘ ବର୍ଷର ବ୍ୟବଧାନ ପରେ ହେବାକୁ ଯାଉଛି ଦେଶର ଜନଗଣନା। ଶେଷ ଥର ପାଇଁ ୨୦୧୧ରେ ଦେଶର ଜନଗଣନା ହୋଇଥିଲା । ୨୦୨୧ରେ ଏହା ହେବାକୁ ଥିଲେ ମଧ୍ୟ କୋଭିଡ୍ ମହାମାରୀ ଯୋଗୁଁ ହୋଇପାରିନଥିଲା । ୨୦୨୭ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ଜାତିଗତ ଗଣନା ମଧ୍ୟ ହେବ। ତେଣୁ ଏହି ଜନଗଣନାରୁ ମିଳିବାକୁ ଥିବା ତଥ୍ୟ ଦେଶର ଜନସଂଖ୍ୟା, ସାମାଜିକ ଓ ଆର୍ଥିକ ଯୋଜନା ପ୍ରସ୍ତୁତି ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ।

ନଭେମ୍ବର ୧ରୁ ...

ଏହାସହିତ ବିଏସ୍-୬ ମାନଦଣ୍ଡର ହୋଇଥିଲେ ମଧ୍ୟ ସମସ୍ତ ଗାଡ଼ି ପାଇଁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ରହିବା ବାଧ୍ୟତାମୂଳକ କରାଯାଇଛି । ଯେଉଁ ପଣ୍ୟବାହୀ ଗାଡ଼ିଗୁଡ଼ିକର ଗନ୍ତବ୍ୟ ସ୍ଥଳ ଦିଲ୍ଲୀ ନୁହେଁ, ସେଗୁଡ଼ିକୁ ଇଷ୍ଟର୍ଣ୍ଣ କିମ୍ବା ୱେଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସୱେ ବ୍ୟବହାର କରିବାକୁ କୁହାଯାଇଛି। ସେହିପରି ଅନ୍ୟ ରାଜ୍ୟରୁ ଆସୁଥିବା ବିଏସ୍-୬ ମାନଦଣ୍ଡର ନଥିବା ଡିଜେଲ ଆନ୍ତଃରାଜ୍ୟ ବସଗୁଡ଼ିକୁ ଦିଲ୍ଲୀ ପ୍ରବେଶ ମନା କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୦୧ ରୁ ୩୦୦ (''ଖରାପ'' ବର୍ଗ) ମଧ୍ୟରେ ରହିଲେ ବାୟୁ ଗୁଣବତ୍ତା ପରିଚାଳନା କମିଶନ୍ (ସିଏକ୍ୟୁଏମ୍) ପକ୍ଷରୁ ଜିଆରଏପିର ପ୍ରଥମ ପର୍ଯ୍ୟାୟ ଲାଗୁ କରାଯାଇଥାଏ। ନିକଟରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ''ଖରାପ'' ସ୍ଥିତିରେ ଥିବା ବେଳେ ଗୁରୁବାର ରାତିରେ ହୋଇଥିବା ବର୍ଷା ଓ ଘଡ଼ଘଡ଼ି କାରଣରୁ ଶୁକ୍ରବାର ସକାଳେ ଏକ୍ୟୁଆଇ ୯୦ କୁ ହ୍ରାସ ପାଇ ସନ୍ତୋଷଜନକ ସ୍ଥିତିକୁ ଆସିଛି। ତଥାପି ଆଗାମୀ ଶୀତଦିନିଆ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୁଲିସ ଓ ପ୍ରଶାସନ ପକ୍ଷରୁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।


ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସ୍କୁଲ ଉନ୍ନୟନ ପ୍ରକଳ୍ପ ଆରମ୍ଭରୁ ନିମ୍ନମାନର ଅଭିଯୋଗ: ସଭାପତିଙ୍କ ମନମାନିକୁ ନେଇ ଅସନ୍ତୋଷ

ଲଙ୍ଗଳେଶ୍ୱର , ୩୦/୧୦ (ନି.ପ୍ର): ବିଦ୍ୟାଳୟର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଆସିଛି। ସ୍କୁଲ ପରିଚାଳନା କମିଟିର ନିଷ୍ପତ୍ତିକୁ ଅଣଦେଖା କରି ବିଦ୍ୟାଳୟ ପରିସରରେ ନିର୍ମାଣ କାମ କରାଯାଇଥିବା ନେଇ ସଭାପତିଙ୍କ ବିରୋଧରେ ଉଠିଛି ମନମାନିର ଅଭିଯୋଗ। ଏହାକୁ ନେଇ ସ୍କୁଲ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ବାଲିକୁଟୀ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘର ଓ ପାଚେରୀ ନିର୍ମାଣ କାମ କିପରି ହେବ, ସେନେଇ ବିଦ୍ୟାଳୟର ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ କମିଟି ମାଧ୍ୟମରେ କାମ କରାଯିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଦୀର୍ଘଦିନ ଧରି ବିଦ୍ୟାଳୟ ପରିସରରେ ଥିବା ବାଗିଚାର ପାଚେରୀକୁ ଭାଙ୍ଗି ସେହି ସ୍ଥାନରେ ଫଳକ ନିର୍ମାଣ କରାଯାଇଥିବା ନେଇ ସଭାପତି ରାଧାକାନ୍ତ ଦାସଙ୍କ ବିରୋଧରେ ଅଭିଯୋଗ ଆସିଛି। ଏହାକୁ ନେଇ ସ୍କୁଲରେ ଏକ ଝଗଡ ବୈଠକ ଡକାଯାଇଥିଲା। ବୈଠକରେ ଅଭିଭାବକ ଓ କିଛି କମିଟି ସଦସ୍ୟ ସଭାପତି ଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଉତ୍ତ୍ୟକ୍ତ ହୋଇ ମୁଁ ସଭାପତି ରହିଛି ଯାହା ଚାହିଁବି ତାହା ହିଁ କରାଯିବ। ସଭାପତି ଙ୍କ ମନମାନି କୁ ବିରୋଧ କରିବା ରୁ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପଟେ ଏହି କାମ ସମ୍ପର୍କରେ ଜେଇ ଙ୍କୁ ଫୋନ୍ ଯୋଗେ ପଚରାଯିବାରୁ, କାମ ପାଇଁ ଅନୁଦାନ ଆସିଛି ଏବଂ ଫଳକ ନିର୍ମାଣ ହେବ ବୋଲି କହିଥିଲେ। କିନ୍ତୁ ଫଳକ ନିର୍ମାଣ ହୋଇଥିବା ସମ୍ପର୍କରେ ସେ ଅବଗତ ନଥିବା ସହ ଏହା ସରକାରୀ ନିୟମ ଅନୁଯାୟୀ ହୋଇନଥିବା କହିଥିବା ଅଭିଯୋଗକାରୀଙ୍କ ପକ୍ଷରୁ କୁହାଯାଇଛି। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ରେ ନିର୍ମାଣ କାର୍ଯ୍ୟ କରାଯାଉ ବୋଲି ଛାତ୍ର ଅଭିଭାବକ ଦାବି କରିଛନ୍ତି।

କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ମାଲଖାନାରେ ଅଗ୍ନିକାଣ୍ଡ



ନୀଳଗିରି , ୩୦/୧୦ (ନି.ପ୍ର): ନୀଳଗିରିସ୍ଥ କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ମାଲଖାନା(ଗୋଦାମ ଗୃହ)ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯.୧୦ମିନିଟ୍ ସମୟରେ ଏକ ପ୍ରଚଣ୍ଡଶବ୍ଦକରି ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ନୀଳଗିରି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିଶମବିଭାଗର ପ୍ରାଥମିକ ତଦନ୍ତ ଅନୁଯାୟୀ ଗୋଦାମଗୃହରେ ଏକ ମଟରସାଇକେଲର ବ୍ୟାଟେରୀର ସର୍ଟସର୍କିଟ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଇଛି। ଏହି ଅଗ୍ନିକାଣ୍ଡରେ ୨ଟି ଜବତ ମଟରସାଇକେଲ, ଗୋଟିଏ ତାର୍ପଲିନ୍ ଏବଂ ଗୋଟିଏ ପୁରୁଣା ଟାୟାର ଜଳିଯାଇଥିବା ବିଭାଗୀୟ ପ୍ରେସବିଜ୍ଞପ୍ତିରେ କୁହାଯାଇଛି। ଏହି ମାଲଖାନାରେ ଶିକାରୀଙ୍କ ଠାରୁ ଜବତ ବିସ୍ଫୋରକ ଠାରୁ ଆରମ୍ଭକରି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ଜବତ ବନ୍ଧୁକ, ମଟରସାଇକେଲ, ଚାରିଚକିଆ ଯାନ, କାଠ ତଥା ଅନ୍ୟାନ୍ୟ ବହୁ ଶିକାର ସରଞ୍ଜାମ ରହିଥିବା ବେଳେ ଅଳ୍ପକେ ବଡ଼ଧରଣର ଅଘଟଣରୁ ବର୍ତ୍ତିଯାଇଛି। ତେବେ ବିଭାଗୀୟ ପ୍ରେସବାର୍ତ୍ତା ଠାରୁ ଅଧିକ କ୍ଷୟକ୍ଷତି ଘଟିଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବାବେଳେ ଅଧିକ ତଦନ୍ତହେଲେ ବାରୁଦ କିମ୍ବା ବ୍ୟାଟେରୀରୁ ନିଆଁ ଲାଗିଛି ତାହା ଜଣାପଡ଼ିବ। ତେବେ ତଦନ୍ତ ଜାରିରହିଥିବା ଏସିଏଫ୍‌ଓ ମାଣିକେଶ୍ୱରୀ ହାଂସଦା ପ୍ରକାଶ କରିଛନ୍ତି।

କଟର ମେସିନ ଚୋରି କରି ବନ୍ଧା ହେଲେ ଯୁବକ



ନୀଳଗିରି , ୩୦/୧୦ (ନି.ପ୍ର): ଦିନ ଦ୍ୱିପ୍ରହରରେ ନୀଳଗିରି ଜେଲ୍ ରାସ୍ତାରେ ନୂତନ କଲ୍ୟାଣମଣ୍ଡପ କାମ ଚାଲିଥିବା ବେଳେ ମିସ୍ତ୍ରୀ ରଡ୍ କାଟି କଟର ମେସିନକୁ ତଳେ ରଖି ଦିମହଲାକୁ ରଡ୍ ନେଇ ଯାଇଥିବା ବେଳେ ଜଣେଚୋର କଟରମେସିନ କୁ ଚୋରିକରି ନେଇଯାଇଥିଲା। ପରେ ବହୁ ଖୋଜାଖୋଜି କରିବା ପରେ ଯୁବକକୁ କାବୁକରି ବାନ୍ଧି ଦେଇଥିବାର ଦେଖିବାକୁ ମିଳିଛି। ଏନେଇ ନୀଳଗିରି ଥାନାରେ କୌଣସି ଅଭିଯୋଗ ହୋଇ ନଥିବାର ଦେଖିବାକୁ ମିଳିଛି।

ଭିନ୍ନକ୍ଷମଙ୍କୁ ଠକିବା ପଡ଼ିଲା ମହଙ୍ଗା: ବାଲିଆପାଳରେ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ

ବାଲିଆପାଳ , ୩୦/୧୦ (ନି.ପ୍ର): ଭିନ୍ନକ୍ଷମଙ୍କ ଭତ୍ତାକୁ ନେଇ ଉଠିଥିବା ଅଭିଯୋଗ ପରେ ଚର୍ଚ୍ଚାରେ ବାଲିଆପାଳ ବ୍ଲକ। ତଦନ୍ତ ପରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସଙ୍କ ବଦଳି ନିର୍ଦ୍ଦେଶ ଜାରି ହୋଇଥିବା ଦଲିଲ୍ ସାମ୍ନାକୁ ଆସିଛି। ପୂର୍ବ ଅଭିଯୋଗ ଅନୁଯାୟୀ, ଦେଭୋଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନ୍ତୁଣିଦା ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ ରମେଶ ଦଳାଇ ପୂର୍ବରୁ ୟୁଡିଆଇଡି ସମସ୍ୟା ଯୋଗୁଁ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିଲେ। ପରେ ମେ' ୨୦୨୬ରୁ ରମେଶଙ୍କୁ ୩,୫୦୦ ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା। କିନ୍ତୁ ଅଭିଯୋଗ ଅନୁଯାୟୀ, ତାଙ୍କ ଅଗୋଚରରେ ତାଙ୍କ ବ୍ୟାଙ୍କ ଖାତାକୁ ୫୬,୪୦୦ ପଠାଯାଇଥିଲା। ପରେ ଘଟଣା ପଦାକୁ ଆସିବା ପରେ ବିଭାଗର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସ ନିଜର ଭୁଲ୍ ଘୋଡ଼ାଇବାକୁ ଯାଇ ରମେଶଙ୍କୁ ଭେଟି ଭୁଲ୍‌ରେ ୫୨,୯୦୦ ଅଧିକ ଯାଇଥିବା କହିବା ସହ ବ୍ୟାଙ୍କରୁ ଟଙ୍କା ଉଠାଇ ନଗଦ ଆକାରରେ ଫେରାଇବାକୁ ସେ କହିଥିବା ଅଭିଯୋଗ ଉଠିଥିଲା। କେବଳ ରମେଶ ନୁହନ୍ତି, ବେତଗଡ଼ିଆ ଗ୍ରାମପଞ୍ଚାୟତର ଭିନ୍ନକ୍ଷମ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ମଧୁପୁରା ଗ୍ରାମପଞ୍ଚାୟତର ଭିନ୍ନକ୍ଷମ ହରେକୃଷ୍ଣ ଜେନାଙ୍କ କ୍ଷେତ୍ରରେ ମଧ୍ୟ ସମାନ ପ୍ରକାର ଅଧିକ ଟଙ୍କା ପ୍ରଦାନ ହୋଇଥିବା ଅଭିଯୋଗ ହୋଇଛି। ଏହି ତିନି ହିତାଧିକାରୀ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତରୁ ନଗଦ ଆକାରରେ ଭତ୍ତା ପାଉଥିଲେ। ଅଭିଯୋଗ ଅନୁଯାୟୀ, ପରେ ବର୍ଦ୍ଧିତ ଭତ୍ତା ଯୋଜନାରେ ସାମିଲ କରାଯିବା ସମୟରେ ଗତ ଫେବୃଆରୀ ୨୦୨୫ରୁ ମେ' ୨୦୨୬ ପର୍ଯ୍ୟନ୍ତ ବକେୟା ଭତ୍ତା ଭାବେ ପ୍ରତ୍ୟେକଙ୍କ ବ୍ୟାଙ୍କ ଖାତାକୁ ?୫୬,୪୦୦ ଲେଖାଏଁ ପଠାଯାଇଥିଲା। ପରେ ନଗଦ ଟଙ୍କା ଫେରସ୍ତ ନହେବାରୁ ତିନି ହିତାଧିକାରୀଙ୍କ ଭତ୍ତା ପ୍ରଦାନକୁ ଶ୍ରୀ ଦାସ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ତିନି ହିତାଧିକାରୀଙ୍କ ଭତ୍ତା ବନ୍ଦ ଘଟଣା ଜାଣିବା ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।ପରେ ସାଉଡ଼ି ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀରାଣୀ ଗ୍ରାମର ସଚେତନ ଯୁବକ ଅମର ପଟ୍ଟାୟତ ବାଲିଆପାଳ ବ୍ଲକର ଭତ୍ତା ବିଭାଗର ଅବ୍ୟବସ୍ଥା ଏବଂ କର୍ମଚାରୀଙ୍କ ଦୁର୍ନୀତିରେ ସାମିଲ ଥିବା ନେଇ ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭବେଶ ଦାସଙ୍କ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ଆଜି ଆସିଥିବା ଜଣାପଡ଼ିଛି। ଏହି ବଦଳି ନିର୍ଦ୍ଦେଶ ଖବର ଶୁଣି କିଛି ଲୋକପ୍ରତିନିଧି ଶ୍ରୀ ଦାସଙ୍କ ପାଇଁ ଦୁଃଖ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ବଦଳି ନିର୍ଦ୍ଦେଶକୁ କିପରି ବାତିଲ କରାଯାଇପାରିବ, ସେଥିପାଇଁ ମସୁଧା ଚାଲିଥିବା ମଧ୍ୟ ଶୁଣିବାକୁ ମିଳୁଛି କ୍ଷ ତେବେ ଏଠାରେ ପ୍ରଶ୍ନ ଉଠୁଛି, ଭିନ୍ନକ୍ଷମଙ୍କୁ ନ୍ୟାୟ ଦେବା ପାଇଁ ଏହି ଲୋକପ୍ରତିନିଧିମାନେ ଏକଜୁଟ ନହୋଇ ଅଭିଯୋଗରେ ନାମ ଆସିଥିବା ଶ୍ରୀ ଦାସଙ୍କ ପାଇଁ ଏତେ ଦରଦ କାହିଁକି ? ତିନି ହିତାଧିକାରୀଙ୍କ ଭତ୍ତା କେଉଁ ନିୟମ ଆଧାରରେ ବନ୍ଦ କରାଯାଇଛି ହିତାଧିକାରୀମାନେ ନିୟମିତ ଭତ୍ତା ଟଙ୍କା ପାଇବେ କେବେ ?



ସୁରକ୍ଷିତ ଭାବେ ଗର୍ଭବତୀଙ୍କୁ ଉଦ୍ଧାର କଲେ ଓଡ୍ରାଫ୍ ଯବାନ

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ବ୍ରହ୍ମପୁର ବେଏମସି ଅନ୍ତର୍ଗତ ବିଜୟ ବିହାର ୩ୟ ଲେନ୍‌ରେ ବନ୍ୟା / ଆପାତକାଳୀନ ପରିସ୍ଥିତି ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇପଡ଼ିଥିଲା। ଏହି ସମୟରେ ଜଣେ ଗର୍ଭବତୀ ଯନ୍ତ୍ରଣାରେ ଆକୁଳ ହେଉଥିବା ଖବର ପାଇ ଛତ୍ରପୁର ଓଏସଏପି ୮ମ ବାଟାଲିୟନର ଓଡ୍ରାଫ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଓଡ୍ରାଫ୍‌ର ସାହସୀ ଯବାନମାନେ ନିଜ କାନ୍ଧରେ ମହିଳାଙ୍କୁ ବୋହି ପ୍ରାୟ ୧.୨ କିଲୋମିଟର ପାଦରେ ଚାଲି ଚାଲି ସୁରକ୍ଷିତ ଭାବେ ମୁଖ୍ୟ ରାସ୍ତାକୁ ଆଣିଥିଲେ। ଏହାପରେ ତାଙ୍କୁ ତୁରନ୍ତ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଯବାନମାନଙ୍କର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ନିଃସ୍ୱାର୍ଥପର ସେବା ପ୍ରଶଂସା ଯୋଗ୍ୟ।

ହୀରାକୁଦ ଡ୍ୟାମ୍ ଖୋଲିବା ଭଳି ସ୍ଥିତି ନାହିଁ : ଇଆଇସି

ଭୁବନେଶ୍ୱର, ୩୦/୧୦ (ନି.ପ୍ର): ଋଷିକୂଲ୍ୟାରେ ନଦୀ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଗଞ୍ଜାମ ଜିଲ୍ଲାରେ ସନ୍ଧ୍ୟା ସୁଦ୍ଧା ସବୁ ନଦୀର ଜଳସ୍ତର କମିଯିବ। ଗଞ୍ଜାମ ଜିଲ୍ଲାରେ ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ଏହା କହିଛନ୍ତି ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ। ସେ କହିଛନ୍ତି ଯେ ଆଶା ଠାରୁ ଅଧିକ ବର୍ଷା ହେବାରୁ ଏଭଳି ସ୍ଥିତି ଉପୁଜିଲା। ଅନ୍ୟପକ୍ଷରେ ଛତିଶଗଡ଼ରେ ସବୁ ଡ୍ୟାମରେ ଜଳସ୍ତର କମ୍ ରହିଛି।ଏବେ ହୀରାକୁଦ ଡ୍ୟାମ୍ ଖୋଲିବା ଭଳି ସ୍ଥିତି ନାହିଁ। ୧ ତାରିଖ ପରେ ଆଉ ଥରେ ଆକଳନ କରାଯାଇ ପରବର୍ତ୍ତୀ ନିଷ୍ପତି ନିଆଯିବ।

ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ଭଦ୍ରକ , ୩୦/୧୦ (ନି.ପ୍ର): ସ୍ଥାନୀୟ ବିଷ୍ଣୁପୁର ପଞ୍ଚାୟତ ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଠାରେ ଭଣ୍ଡାରିପୋଖରୀ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି ବ୍ଲକର ୧୭ଗୋଟି ସାଧନ କେନ୍ଦ୍ର ରୁ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତା ରେ ବିଭନ୍ନ ବିଭାଗରେ ପ୍ରଥମ ହୋଇଥିବା ୫୪୦ଜଣ ଛାତ୍ର ଛାତ୍ରୀ ଆଜିର ଏହି ପ୍ରତିଯୋଗିତାରେ ସକାଳ ୮ଘଟିକା ଠାରୁ ପଞ୍ଜିକରଣ କରି ଜିଲ୍ଲାସ୍ତରକୁ ଯିବାପାଇଁ ପ୍ରତିଯୋଗୀତରେ ଭାଗନେଇଥିଲେ ସକାଳ ୧୧ ଘଟିକା ସମୟରେଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭଣ୍ଡାରୀ ପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିଜିତ ବାରିକଙ୍କ ସଭାପତିତ୍ୱ କରିଥବାବେଳେ ବିଧାୟକ ସଂଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଯୋଗଦେଇ ଛାତ୍ର ଛାତ୍ରୀ ମାନେ ମୋବାଇଲ ଓ ଚ୍ୟାଟ ଯି ଟି ପି ଦୁନିଆଁରୁ ପୁସ୍ତକ ପଠନ ପ୍ରତି ଅଧିକ କିପରି ଆଗ୍ରହ ପ୍ରକାଶ କରିବେ ଓ ଏଥିପାଇଁ ସୁରଭି ଭଳି କାର୍ଯ୍ୟକ୍ରମ ତାଙ୍କୁ ସହାୟକ ହେବ ବୋଲି ମତ ରଖିଥିଲେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସୁମତୀ ସେଠୀ, ବି ଆର. ସି ମଞ୍ଜୁଲାରାଣୀ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋଜ କୁମାର ଜେନା, ସୁନାକର ଧଳ, ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଅମୂଲ୍ୟ କୁମାର ନାୟକ,ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାଶ ସମୃଦ୍ଧ ଭାଷାଓ ସମୃଦ୍ଧ ଓଡିଶା ଗଢିବାପାଇଁ ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ ଓ ଏହାର ସୁଯୋଗ ସମସ୍ତ ଛାତ୍ର ଛାତ୍ରୀ ନେବାଦରକାର ବୋଲି ମତ ରଖିଥିଲେ ସେହିପରି ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ସମିତିସଭ୍ୟ ଙ୍କ ପ୍ରତିନିଧି ଭାବେ ଦୀପକ ପାଣିଗ୍ରାହୀ ଯୋଗଦେଇ ଥିଲେ ଆଜିର ଆୟୋଜିତ ପ୍ରତିଯୋଗିତାରେ ତର୍କରେ ଭୋଳାଶଙ୍କର ପଣ୍ଡା ପ୍ରବନ୍ଧ ରେ ସୁଶ୍ରୀ ଲେଖା ନନ୍ଦ ସୃଜନାତ୍ମକ ଲିଖନରେ ପ୍ରିୟଦର୍ଶିନୀ ମହାପାତ୍ର କୁଇଜ ରେ.ଓମପ୍ରକାଶ ରାଉତ ସଂଗୀତ ରେପୁଷ୍ପାଞ୍ଜଳି ସାହୁ ଚିତ୍ର ଓ ଶିଳ୍ପକଳାରେମାମୁନି ରାଉତ ସେହିପରି ସସ୍ମିତା ସାମଲ ଓ ତାଙ୍କ ସାଥି ସମୃଦ୍ଧ ଭାଷା ଓ ସମୃଦ୍ଧ ଓଡିଶା ନୃତ୍ୟଭଳି ୪୦ଜଣ ଛାତ୍ର ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜନରେ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ର ଜିତେନ୍ଦ୍ର ନାୟକ, ପ୍ରଶାନ୍ତ ଖିଲାର ରାଜେନ୍ଦ୍ର ସାହୁ, ସସ୍ମିତା ସାମନ୍ତ, ମଧୁସ୍ମିତା ବିଶ୍ୱାଳ, ବିକଶି ସାହୁ, ପ୍ରିୟଦର୍ଶନୀ ପଣ୍ଡା, ଲିଜା ଦାଶ, ଦମୟନ୍ତୀ ନାଥ, ବିନୋଦିନୀ ପଢି ନିରାକାର ସାମଲ, ଗୀତ. ରୋଜାଲିନ ମଲ୍ଲିକ ସୁଶ୍ରୀସଂଗୀତା କବାଟ ମଧୁସ୍ମିତା ନାୟକ, ହରେକୃଷ୍ଣ ସେଠୀ, ସୁନିମା ବେହେରା,ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବ୍ଲକର ସମସ୍ତ ବିଦ୍ୟାଳୟ ର ଶିକ୍ଷକ ପ୍ରଧାନ ଶିକ୍ଷକ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ର ସଂଯୋଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।



ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପଛେଉଣ୍ଡ ପୁତ୍ର 'ମିକର'

ଉଦଳା , ୩୦/୧୦ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଶାଳବଣୀ ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଗଙ୍ଗାଧର ଦେହୁରୀଙ୍କ ୧୫ବର୍ଷ ବୟସର ପୁତ୍ର ମିକର ଦେହୁରୀ ଆଜକୁ ୪ ବର୍ଷ ତଳୁ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି। ମିକର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୫ମଶ୍ରେଣୀ ପାସ କରିବା ପରେ ଜୁଆଳିଆସ୍ଥିତ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇଥିବାର କହିଛନ୍ତି । କିନ୍ତୁ ଆଶ୍ରମ ବିଦ୍ୟାଳୟର ପରିବେଶ ତାଙ୍କୁ ଆଦୌ ଭଲ ନଲାଗିବା ଯୋଗୁଁ ସେ ଘରକୁ ପଳାଇ ଆସିଥିବାର କଥା କହିଛନ୍ତି । ଇତିମଧ୍ୟରେ ଦିର୍ଘ ୪ବର୍ଷ ସମୟ ବିତିଯାଇଛି । ବିଦ୍ୟାଳୟର ଖାତାରେ ତାଙ୍କର ନାମ ଗଡ଼ିଚାଲିଛି କି କଟି ଯାଇଛି ତାହା ତାଙ୍କୁ ଜଣାନଥିବାର କଥା ଜଣାଇଛନ୍ତି । ଏହିଭଳି ବିଭିନ୍ନ କାରଣରୁ ଶହ ଶହ ସଂଖ୍ୟାରେ ଆଦିବାସୀ ପିଲା ପାଠପଢ଼ା ଛାଡୁଥିବା ବେଳେ ଏହାର ପ୍ରତିକାର ପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଉନଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ତାଛଡ଼ା ମିକର ଜଣେ ଖଡ଼ିଆ ଜନଜାତିର ପିଲା ଅଟନ୍ତି। ମୟୂରଭଂଜ ଜିଲ୍ଲାରେ ବସବାସ କରୁଥିବା ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକଙ୍କୁ ସବୁଠାରୁ ଅଧିକ ଅବହେଳିତ ବୋଲି ସରକାର ଘୋଷଣା କରିଛନ୍ତି । ସେଥିପାଇଁ ଏହି ଜନଜାତି ଲୋକଙ୍କର ଉନ୍ନତି ସକାଶେ ସ୍ୱତନ୍ତ୍ର ନଜର ରଖାଯାଇଛି ବୋଲି ସରକାରୀ ବାବୁ ମାନେ ନିୟମିତ ଢ଼ୋଲ ପିଟୁଛନ୍ତି । କିନ୍ତୁ ଏହିସବୁ ଜନଜାତିର ପିଲା ବହୁଳ ଭାବରେ ଅଧାରୁ ପାଠପଢ଼ା ଛାଡୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ବାଲିଆପାଳ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ

ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ୨୯ ଜଣ ଛାତ୍ରଛାତ୍ରୀ ମନୋନୀତ



ବାଲିଆପାଳ , ୩୦/୧୦ (ନି.ପ୍ର): ବାଲିଆପାଳ ବ୍ଲକ ସ୍ତରୀୟ ଶିଶୁମେହାତ୍ସବ ସୁରଭି ଉଦଯାପିତ ହୋଇଯାଇଛି । ଶ୍ରୀହରିଚରଣ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉପ୍ରା ବିଦ୍ୟାଳୟ ଦେଭୋଗ ପରିସରେରେ ଅନୁଷ୍ଠିତ ଏହି କାର୍ଯ୍ୟର୍କ୍ରମର ଉଉଦଘାଟନୀ ଉତ୍ସବେର ବାଲିଆପାଳ ଗୋଷ୍ଠି ଶିକ୍ଷା ଅଧିକାରୀ ସୋମାରାଣୀ ସେଠୀ ସଭାପତିତ୍ୱ କରିଥିେଲ । ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତିନିଧି ରବୀନ୍ଦ୍ରନାଥ ଅଣ୍ଡିଆ,ସମ୍ମାନୀତ ଅତିଥି ଭାବେର ବିଆରସିସି ବଂଶୀଧର ନାୟକ,ସରପଂଚ ସବିତା ନାୟକ,ସମିତି ସଦସ୍ୟା କଲ୍ୟାଣୀ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱେତାସ୍ମିଗ୍ଧା ପ୍ରଧାନେ, ମେନଜିଙ୍ଗ କମିଟି ସଭାପତି ମୃତ୍ୟୁଞ୍ଜୟ ନାୟକ, ସିଆରସିସି ପାଥର୍ସାରଥୀ ବେେହରା, ଏସଏମସି ସଭାପତି ଡୟରୁଧର ମାଣିକ ପ୍ରମୁଖ ଯୋଗେଦଇ ଶିଶୁ ମାନଙ୍କର ପ୍ରତିଭା ବିକାଶେର ସୁରଭି କାର୍ଯ୍ୟର୍କ୍ରମ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିେଲ ।ଶିକ୍ଷକ ଶ୍ରୀକାନ୍ତ ମହାନ୍ତି ସ୍ୱାଗତ ଭାହଣ ପ୍ରଦାନ କରିଥିଲା ବେଳ ଶିକ୍ଷୟିତ୍ରୀ ସୁଲୋଚନା ଗିରି ଧନ୍ୟବାଦ ଅପର୍ଣ କରିଥିେଲ । ଦ୍ୱିତୀୟ ଅଧିବେଶନ ତଥା ଉଦଯାପନୀ ଉତ୍ସବେର ମଧ ଗୋଷ୍ଠି ଶିକ୍ଷାଅଧିକାରିଣୀ ଶ୍ରିମତୀ ସେଠୀ ସଭାପତିତ୍ୱ କରିଥିେଲ । ମୁଖ୍ୟଅତିଥି ଭାବେର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗେଦଇ ସୁରଭି ପିଲାମାନଙ୍କର ଜ୍ଞାନ, କଳା, ସଂସ୍କୃତି ଓ ସୃଜନ ଶୀଳତା ତଥା ଆତ୍ମବିଶ୍ୱାସର ବିକାଶ କରିଥାଏ ବୋଲି ମତବ୍ୟକ୍ତ କରିଥିେଲ ।ସମ୍ମାନୀତ ଅତିଥି ଭାବେ ସରକାରୀ ଉ.ପ୍ରା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ହେରନ୍ଦ୍ରନାଥ ଧଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ମହାନ୍ତି,ଓଷ୍ଟା ବ୍ଲକ ସଭାପତି ରଜେନ୍ଦ୍ର କୁମାର ବେହେରା,ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ସଭାପତି ବିଶ୍ୱମ୍ଭର ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିେଲ ।ଏହି ଅବସରେର କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିେଲ । ଶିକ୍ଷକ ନିତାଇ ଚରଣ ରାଉଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ପ୍ରଦୀପ୍ତ କୁମାର ପାତ୍ର ଧନ୍ୟବାଦ ଅପର୍ଣ କରିଥିେଲ ।ଅନ୍ୟମାନଙ୍କ ମଧ୍ୟେର ପ୍ରଧାନ ଶିକ୍ଷକ ଶୁକେଦବ ମହାନ୍ତି,ବିନୋଦ କୁମାର ଜେନା,ଗେଣଶ ଚନ୍ଦ୍ର ଦେ, ମୁରଲୀଧର ଗଙ୍ଗାଇ, ସିଆରସିସି ଯେଶାବନ୍ତ ଜେନା, ତପନ କୁମାର ରାଉଳ, ପତିତପାବନ ପ୍ରଧାନ, ଶିକ୍ଷକ ପୂର୍ଣ୍ଣେନ୍ଦୁ ଦାସ, ସୁବାଷ ଚନ୍ଦ୍ର ଭଞ୍ଜ,ପ୍ରଦୀପ ପଣ୍ଡା, ଅମୂଲ୍ୟ କୁମାର ନାୟକ, ଶ୍ରୀକାନ୍ତ ନାୟକ, ସଞ୍ଜୟ ମହାନ୍ତି ସେମତ ସମସ୍ତ ସିଆରସିସି, ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ଉଭୟ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ସଦସ୍ୟା ପରିଚାଳନେର ସେହଯାଗ କରିଥିେଲ ।

ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ସିଂଲା ହାଟରୁ ହଟିଲା ଉଚ୍ଛେଦ



ବସ୍ତା , ୩୦/୧୦ (ନି.ପ୍ର): ଦୀର୍ଘ ବର୍ଷର ଆଇନଗତ ଲଢ଼େଇ ପରେ ଶେଷରେ ସିଂଲା ହାଟ ପଡ଼ିଆରୁ ହଟିଲା ଜବରଦଖଲ। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ବ୍ଲକ ଅନ୍ତର୍ଗତ ସିଂଲା ହାଟ ପଡ଼ିଆ ଓ ସଂଲଗ୍ନ ସରକାରୀ ଜମିରେ ନିର୍ମିତ ୪୨ଟି ଦୋକାନ ଘରକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ତିନୋଟି ପ୍ଲଟ୍‌ରେ ରହିଥିବା ଏହି ବେଆଇନ ନିର୍ମାଣକୁ ଭାଙ୍ଗିବା ସମୟରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସୂଚନା ଅନୁଯାୟୀ, ସିଂଲା ହାଟ ପଡ଼ିଆ ଓ ଏହାର ସଂଲଗ୍ନ ସରକାରୀ ଜମିକୁ ଦୀର୍ଘ ବର୍ଷ ଧରି କେତେକ ବ୍ୟବସାୟୀ ଜବରଦଖଲ କରି ରଖିଥିଲେ। ଏପରିକି ସରକାରୀ ଜମିରେ ବେଆଇନ ଭାବେ ଦୋକାନ ଘର ନିର୍ମାଣ କରି ବ୍ୟବସାୟ ଚଳାଇ ଆସୁଥିଲେ। ଏନେଇ ବସ୍ତା ତହସିଲ ପକ୍ଷରୁ ୪୨ଟି ପୃଥକ ଇଜିଲାସ୍ କେସ୍ ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ ଏହି ବେଆଇନ ନିର୍ମାଣକୁ ନେଇ ସିଂଲା ଅଞ୍ଚଳର କେତେକ ଜନସାଧାରଣ ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଆଇନଗତ ଲଢ଼େଇ ଜାରି ରଖିଥିଲେ। ଏନେଇ W.P.(C) ୧୩୪୩୬/୧୫, ୩୨୨୨୨/୨୩ ଓ ୧୪୭୩୫ ସମେତ କୋର୍ଟ ଅବମାନନା ମାମଲା ନଂ ୧୯୪୫/୨୪ ରୁଜୁ ହୋଇଥିଲା। ସମସ୍ତ ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ସରକାରୀ ଜମିରେ ହୋଇଥିବା ବେଆଇନ ଦୋକାନ ଗୃହ ଉଚ୍ଛେଦ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଓ ଜିଲ୍ଲାପାଳଙ୍କ ଆଦେଶକ୍ରମେ ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ସମ୍ପୃକ୍ତ ଜବର ଦଖଲକାରୀଙ୍କୁ ବାରମ୍ବାର ନୋଟିସ୍ ଜାରି କରିଥିଲେ। ଏଥିସହ ଗତ ୨୭ ତାରିଖରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଘୋଷଣା କରାଯାଇଥିଲା। ଶୁକ୍ରବାର ତହସିଲଦାର ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ପ୍ରିଜ୍ୟୁଷ କାନ୍ତ ପ୍ରଧାନ, ଜଳେଶ୍ୱର ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ସିଂଲା ଆରଆଇ ପ୍ରଭୁରାମ କାସ୍ତ, ଆରଆଇ ସୁପରଭାଇଜର ଚିଙ୍କେଶ ସେନାପତି ଓ ସିଂଲା ଥାନା ଆଇଆଇସି ସୂଚନ୍ଦ୍ର ମହାଳିକଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତ ରହିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମସ୍ତ ୪୨ଟି ଦୋକାନ ଘରକୁ ଭାଙ୍ଗି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ପରେ ସିଂଲା ହାଟ ପଡ଼ିଆର ସରକାରୀ ଜମି ଜବରଦଖଲମୁକ୍ତ ହୋଇଥିବା ଜଣାପଡ଼ିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida